ISSN: 2456-9194, Vol. VII, Issue. IV, March 2024

# ପ୍ରତ୍ୟୟ

(Journal of Odia Language, Culture and Science)

Peer-Reviewed Journal - Homepage: http://cphfs.in/research.php

# ବୌଦ୍ଧ ଜିଲ୍ଲାର କନ୍ଧ ସଂସ୍କୃତି : ଏକ ବିଶେଷ ଅଧ୍ୟୟନ

ହୃଷୀକେଶ କହଁର (ଗବେଷକ), ଡ. ରଶ୍ମିତା ତ୍ରିପାଠୀ (ଆସୋସିଏଟ୍ ପ୍ରଫେସର)
କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Email: rasmita.tripathy@kiss.ac.in

***ସାରାଂଶ:*** *ଓଡ଼ିଶା ହେଉଛି ଏକ ଆଦିବାସୀ ବହୁଳ ରାଜ୍ୟ । ପ୍ରକୃତି ଓ ଅନୁରାଗମୟ ଜୀବନ ଦୃଷ୍ଟିଟିଏ ନେଇ ଜୀବନଧାରଣ କରନ୍ତି ଏଇ ଆଦିବାସୀ । ସଂଘର୍ଷମୟ ଜୀବନକାଳ ଭିତରେ ଗଢି ତୋଳନ୍ତି ନିଜର ସଂସ୍କୃତି । ପ୍ରକୃତିକୁ ପ୍ରଗାଢ ଭାବରେ ଭଲପାଉଥିବା ଏଇ ଆଦିବାସୀ ହେଉଛି, ପ୍ରକୃତିର ସନ୍ତାନ । ତେଣୁ ପ୍ରାଗୈତିହାସିକ କାଳରୁ ମଣିଷ ଗୋଷ୍ଠୀ ଜୀବନ ଯାପନ କରିଆସିଛି ନିଜର ସୁରକ୍ଷା ଓ ସ୍ଥିତିପାଇଁ । ଓଡ଼ିଶାରେ ବାସ କରୁଥିବା କନ୍ଧ ଜନଜାତିମାନଙ୍କ ମଧ୍ୟରେ ପ୍ରାୟତଃ ତାଙ୍କର ପର୍ବପର୍ବାଣୀ, ଯାନିଯାତ୍ରା, ଏବଂ ସଂସ୍କୃତି ଏକା ହେଲେ ମଧ୍ୟ ପରିବେଶର ସ୍ଥାନ, କାଳ, ଓ ପାତ୍ର ଅନୁଯାୟୀ ତାଙ୍କ ସଂସ୍କୃତିରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । କର୍ମଠ, ସରଳ, ନିରାଡ଼ମ୍ବର ଏହି ଆଦିମ ମଣିଷଙ୍କ ବଂଶଧର ପାହାଡ଼ କୋଳରେ ବସବାସ କରି ଝରଣାର ସ୍ୱଚ୍ଛ ଜଳପରି ହୃଦୟ ଏମାନଙ୍କ ସ୍ୱଚ୍ଛ ନିର୍ମଳ । ସଭ୍ୟ ଜନପଦବାସୀଙ୍କ କୁଟିଳତାର ମର୍ମ ଏମାନଙ୍କୁ ଜଣା ନାହିଁ । କେବଳ ପେଟପାଇଁ ଏମାନଙ୍କର ଚିନ୍ତା । "ଆଦିବାସୀମାନେ ଉର୍ବର ନଦୀ, ଉପତ୍ୟକା ପରିତ୍ୟାଗ କରି ନିବିଡ଼ ଅରଣ୍ୟାନୀ ଓ ପାର୍ବତ୍ୟ ଗିରି କନ୍ଦରରେ ବାସକଲେ ଏବଂ ବଣର ଫଳମୂଳ ଓ ବନ୍ୟ ଜୀବଜନ୍ତୁ ଶିକାର କରି ଜୀବିକା ନିର୍ବାହ କଲେ । ଏହି ପରିପ୍ରେକ୍ଷୀରେ ସେମାନଙ୍କ ପାରମ୍ପରିକ ସଭ୍ୟତାର ପରିସର ସଙ୍କୁଚିତ ହୋଇଯାଉଥିଲା । "ତେବେ ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ କନ୍ଧ ଆଦିବାସୀମାନେ ଏକ ଉଚ୍ଚ ମାନର ସଭ୍ୟତା ଓ ସଂସ୍କୃତିର ଅଧିକାରୀ ଥିଲେ ।*

***ମୁଖ୍ୟ ଶବ୍ଦ:*** *ଧରଣୀ ପେନୁ, ମେରିଆ, ଗୁଣି ଗାରେଡ଼ି, ଦେହୁରୀ, ବେଜିନି, ସଲପ ରସ, ମହୁଲ ଫୁଲ, ଖଜୁରୀ ରସ, ଝିକାଟଣା, ଡେଲ ସଭା ।*

## (୧) ଉଦ୍ଦେଶ୍ୟ

- ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀଙ୍କ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଅବଗତ କରିବାର ପ୍ରୟାସ କରାଯାଇଛି ।
- ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀଙ୍କ ସାଂସ୍କୃତିକ ପରମ୍ପରାକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଇଛି ।

## (୨) ପଦ୍ଧତି

ଏହି ପ୍ରବନ୍ଧ ପ୍ରସ୍ତୁତ ନିମନ୍ତେ ଉଭୟ ପ୍ରାଥମିକ ଓ ମାଧ୍ୟମିକ ପଦ୍ଧତି ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଛି । ବୌଦ୍ଧ ଜିଲ୍ଲାର ତିନୋଟି ବ୍ଲକ୍ ରେ କନ୍ଧ ଆଦିବାସୀମାନେ ବସବାସ କରୁଛନ୍ତି । ସେମାନଙ୍କ ଖାଦ୍ୟପେୟ, ବେଶ ପୋଷାକ ଓ ବାସଗୃହ ଇତ୍ୟାଦିକୁ ତିନୋଟି ଯାକ ବ୍ଲକ୍‌ରୁ ଏମାନଙ୍କ ତଥ୍ୟ ସଂଗ୍ରହ କରି ସମସ୍ୟା ସହିତ ଆଲୋଚନା କରାଯାଇଛି ।

ପ୍ରାଥମିକ ପଦ୍ଧତି ଅନୁଯାୟୀ କ୍ଷେତ୍ର ଗବେଷଣା ବେଳେ ପର୍ଯ୍ୟବେକ୍ଷଣ ଓ ପ୍ରଶ୍ନୋତ୍ତର ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଛି । ବୌଦ୍ଧ ଜିଲ୍ଲାର ତିନୋଟି ବ୍ଲକ୍ ଯଥା:- ବୌଦ୍ଧ ବ୍ଲକର ଟିକରପଡ଼ା, ଆମ୍ବଝରି, ଗୁନ୍ଦୁଲିଆ, ହରଭଙ୍ଗା ବ୍ଲକର ଆଡେଣିଗଡ଼ ଏବଂ କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା, ବର ଗାଁ, ଓ ନାରାୟଣ ପ୍ରସାଦ । ବୌଦ୍ଧ ଜିଲ୍ଲାର ଏହି ସବୁ ଅଞ୍ଚଳକୁ ଯାଇ ପ୍ରାଥମିକ ପଦ୍ଧତି ଦ୍ୱାରା ତଥ୍ୟ ସଂଗ୍ରହ କରାଯାଇଛି ।

## (୩) କନ୍ଧ ଜନଜାତିର ପରିଚୟ

ପୃଥିବୀରେ ପ୍ରତ୍ୟେକ ମାନବ ଗୋଷ୍ଠୀ, ପଶୁପକ୍ଷୀ, ଗଛଲତା ଓ କିଟ ପତଙ୍ଗ ତଥା ନିଜ ନିଜର ସୃଷ୍ଟି ସମ୍ପର୍କରେ କେତେକ ଲୋକକଥାର ପ୍ରଚଳନ ଥିବାର ଦେଖାଯାଏ । ଏପରିକି ଶିକ୍ଷିତ ଗୋଷ୍ଠୀରେ ମଧ୍ୟ ଲୋକକଥା ପ୍ରଚଳିତ ଥିବାର ଦେଖାଯାଏ । ଠିକ୍ ସେହିପରି ବୌଦ୍ଧ ଜିଲ୍ଲାର କନ୍ଧ ଜନଜାତିଙ୍କଠାରେ ମଧ୍ୟ ଏପରି ଲୋକକଥା ପ୍ରଚଳିତ ରହିଛି । ପ୍ରଥମେ ପୃଥିବୀ, ଗଛଲତା, ଜଳଚର, ଓ ସ୍ଥଳଚରପ୍ରାଣୀ, ପକ୍ଷୀ ସୃଷ୍ଟି ସମ୍ପର୍କରେ ଲୋକ-କଥାଟିର ବର୍ଣ୍ଣନା କରାଯାଉଛି ।

"କନ୍ଧ ସମାଜରେ ବିଶ୍ୱାସ କରାଯାଏ, ବୁରାପେନୁ ବା ସୂର୍ଯ୍ୟଦେବତା ସବୁଠାରୁ ଉଚ୍ଚ ସ୍ଥାନ ଅଧିକାର କରନ୍ତି । ପ୍ରଥମେ ବୁରାପେନୁ ହିଁ ଥିଲେ । ସେ ତାରିପେନୁ ବା ପୃଥିବୀଦେବୀଙ୍କୁ ସୃଷ୍ଟି କରି ନିଜ ସଙ୍ଗିନୀ କଲେ । ତାପରେ ପୃଥିବୀ ସୃଷ୍ଟି କଲେ । ଦିନେ ବୁରାପେନୁ ତାରିପେନୁଙ୍କ ସଙ୍ଗରେ ଧରଣୀରେ ବାସ କରୁଥିବା ସମୟରେ ତାଙ୍କ ପିଠି କୁଣ୍ଡେଇ ହେଲା । ଏଣୁ ବୁରାପେନୁ ମଣିଷ ସୃଷ୍ଟି କରିବା ଏବଂ ମଣିଷ  ବଞ୍ଚିବା ପାଇଁ ଆବଶ୍ୟକ ବସ୍ତୁ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନେଲେ । ଯାହାଦ୍ୱାରା ମଣିଷ ତାହାଙ୍କ ସେବା କରିବ । ତାରିପେନୁ କ୍ଷୋବ ପ୍ରକାଶ କରି ବୁରାପେନୁଙ୍କ ଏହି ନିଷ୍ପତ୍ତିକୁ ବିରୋଧ କଲେ । ଏହା ସତ୍ତ୍ୱେ ବୁରାପେନୁ ସୃଷ୍ଟି ସର୍ଜନା ପାଇଁ ଦୃଢ଼ ନିଶ୍ଚିତ ହେଲେ ।

ମଣିଷ ସୃଷ୍ଟି କରିବାକୁ ଇଚ୍ଛା ପ୍ରକାଶ କରି ବୁରାପେନୁ ମୁଠାଏ ମାଟି ନେଇ ନିଜ ପଛ ପାଖକୁ ଫିଙ୍ଗିଲେ । କିନ୍ତୁ ତାରି ସେଇ ମାଟି ମୁଠାକ ଧରିନେଇ ଅନ୍ୟ ଦିଗକୁ ଫିଙ୍ଗିଦେଲେ । ସେହି ମୁଠାକରୁ ଗଛଲତା ଓ ଫୁଲ ଫଳ ତିଆରି ହେଲା । ବୁରା ପୁଣି ମୁଠାଏ ମାଟି ନେଇ ପଛ ପାଖକୁ ଫିଙ୍ଗିଲେ । ତାରି ଦ୍ୱିତୀୟ ମୁଠା ମାଟିକୁ ମଧ୍ୟ ଧରି ଫିଙ୍ଗିଲେ । ସେଥିରୁ ଜଳଚର ପ୍ରାଣୀ ସୃଷ୍ଟି ହେଲେ । ସେଇପରି ବୁରା ଫିଙ୍ଗିଥିବା ତୃତୀୟ ଓ ଚତୁର୍ଥ ମୁଠା ମାଟି ଧରି ତାରି ଫିଙ୍ଗିଲେ ଏବଂ ତୃତୀୟ ମୁଠାରୁ ସ୍ଥଳଚର, ଜୀବଜନ୍ତୁ ଓ ଚତୁର୍ଥ ମୁଠାରୁ ପକ୍ଷୀକୁଳ ସୃଷ୍ଟି ହେଲେ । ବୁରା ଏହା ଜାଣିପାରି ତାରିଙ୍କ ମୁଣ୍ଡରେ ହାତରଖି, ତାଙ୍କୁ ଅଟକାଇ ଆଉ ମୁଠାଏ ମାଟି ଫିଙ୍ଗିଲେ ଏବଂ ସେଥିରୁ ମଣିଷ ସୃଷ୍ଟି ହେଲେ । ତାରି ମଧ୍ୟ ବୁରଙ୍କୁ ଆଉ ଅଧିକ କିଛି ସୃଷ୍ଟି ନକରିବାପାଇଁ ବାରଣ କଲେ ଓ ମାଟିରେ ହାତ ରଖି ଯାହା ସବୁ ସୃଷ୍ଟି ହୋଇଛି । ତାହା ସେପରି ରହୁ ବୋଲି ଆଶୀର୍ବାଦ ଦେଲେ ।

ଏହାପରେ ବୁରା ନିଜ ଦେହରୁ ମଳି ବାହାର କରି ସୃଷ୍ଟି ହୋଇଥିବା ସମସ୍ତଙ୍କପାଇଁ ବୋଲି ଉଚ୍ଚାରଣ କରି ଚାରିଆଡ଼କୁ ଫିଙ୍ଗିଲେ ଓ ସେଥିରୁ ସ୍ନେହ, ପ୍ରେମ ତଥା ଗତିଶୀଳତା ସୃଷ୍ଟି ହୋଇଥିବା ସମସ୍ତ ବସ୍ତୁରେ ସଂଚାରିତ ହେଲା । ସୃଷ୍ଟିର ଏହି ପ୍ରାରମ୍ଭ ସମୟରେ ମଣିଷମାନେ ଉଲଗ୍ନ ରହୁଥିଲେ । ସେତେବେଳେକୁ ମଣିଷର ମନ ପାପ ଶୂନ୍ୟ ଥିଲା ଏବଂ ସେ ବୁରାପେନୁଙ୍କ ସାଥିରେ ସହଜରେ ମିଶିପାରୁଥିଲେ । ଏହାଦେଖି ତାରିପେନୁ ସଂସାରରେ ପାପର ବୀଜ ବୁଣିଦେଲେ । ମଣିଷମାନେ ଏହାଦ୍ୱାରା ନାନା ପ୍ରକାର ପାପ କାର୍ଯ୍ୟରେ ଲିପ୍ତ ରହିଲେ । ଉପରେ ଆଧିପତ୍ୟ ତଥା ନିଜର ବଡ଼ିମା ଦେଖାଇ ହେବାକୁ ବୁରା ଓ ତାରିଙ୍କ ମଧ୍ୟରେ ଭୀଷଣ କଳି ହେଲା । ଏଣୁ ମଣିଷମାନେ ଦୁଇଦଳ ହୋଇଗଲେ । ବୁରାଙ୍କ ସପକ୍ଷବାଦୀମାନେ ଛୁଆ ଜନ୍ମ କଲାବେଳେ ନାରୀମାନେ ପାଉଥିବା ଯନ୍ତ୍ରଣା ବୁରାଙ୍କ ଦ୍ୱାରା ତାରିଗୋଷ୍ଠୀ ବା ନାରୀମାନଙ୍କୁ ଦେଇଥିବା ବିଶ୍ୱାସ କଲାବେଳେ ତାରି ସପକ୍ଷବାଦୀ ଗୋଷ୍ଠୀ ତାରି ସମସ୍ତ ମଙ୍ଗଳ କରିଥାନ୍ତି ବୋଲି ବିଶ୍ୱାସ କଲେ । ତାରି ଅମ୍ବାଲି ବାଇଲି ନାମ ଧାରୀ ନାରୀ ରୂପରେ ପୃଥିବୀରେ ବାସ କରୁଥିଲେ । ସେତେବେଳେ ପୃଥିବୀ ନରମ ଓ ଦଳଦଳ ହେଉଥିଲା । ଥରେ ସେ ପରିବା କାଟିଲାବେଳେ ଆଙ୍ଗୁଠି କାଟିଦେଲେ । ଘର ଚାରିପାଖରେ ଛଟପଟ ହୋଇ ବୁଲିଲେ । ଘର ଚାରିପାଖରେ ବୁଲିବାରୁ ଆଙ୍ଗୁଠିରୁ ଚାରିଆଡ଼େ ରକ୍ତ ପଡ଼ିଲା ଏବଂ ରକ୍ତ ପଡ଼ିଥିବା ଅଞ୍ଚଳ ପୂର୍ବପରି ଦଳଦଳ ନହୋଇ ଟାଣ ହେଲା । ଏଣୁ ଅମ୍ବାଲି ବାଇଲି ମଣିଷମାନଙ୍କୁ କହିଲେ "ମୋତେ ବଳି ଦେଇ ପୃଥିବୀକୁ ପୂଜା କର । ପୃଥିବୀ ଟାଣ ହେବ । ମଣିଷମାନେ ଶେଷରେ ତାଙ୍କୁ ବଳି ଦେଲେ ଓ ସେଇଦିନଠାରୁ ନରବଳି ପ୍ରଥାର ଆରମ୍ଭ ହେଲା।"(୩)

ଓଡ଼ିଶାର ପ୍ରତ୍ୟେକ ଆଦିବାସୀ ସ୍ଥାନ, କାଳ, ପାଣିପାଗ, ପ୍ରକୃତି ଭେଦରେ ମଣିଷର ରୂପ, ରଙ୍ଗ, ଚାଲିଚଳଣୀ, ଆଚାର ବିଚାରରେ ସ୍ୱତନ୍ତ୍ରତା ରହିବା ନିଶ୍ଚିତ । ଏହି କନ୍ଧ ଆଦିବାସୀ ଗୋଷ୍ଠୀ ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ ଆଡେଣିଗଡ଼ ପଞ୍ଚାୟତ ଅନ୍ତର୍ଗତ କାଚପାଜୁ, କଣ୍ଠରା, ବାରିଙ୍ଗି, ବଦଲାରେ ବାସ କରୁଥିବା ବେଳେ । ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ଦମଣ୍ଡା, ବରପଦର, ଲେକେଡ ପାଜୁ, ନୂଆସାହି, କୁଡ଼ାବାଲି, ସାଲଦରଙ୍ଗା, ପେଞ୍ଜାବାଲି, ଶିକାବାରା, ଜିଲେଜୁ, ପଡମ୍, ମେଣିଆ କାଠି, ଅଞ୍ଚଳରେ ବାସ କରୁଥିବା ବେଳେ ହରଭଙ୍ଗା ବ୍ଲକର ଆଡେଣିଗଡ଼ ପଞ୍ଚାୟତ ଅନ୍ତର୍ଗତ ସୁଲ୍ ଗାଁ, କାଚପାଜୁ, କଣ୍ଠରା, ବାରିଙ୍ଗି, ବଦଲା, ବାଙ୍କପାଜୁ, ସୁଲକେଟି, ଲେଙ୍ଗିରି ପାଜୁ, ଫାଲପାଜୁ, ସବେରୀ, ମାଣ୍ଡାଲି ଏବଂ ତଳ ଗାଁ ପଞ୍ଚାୟତ ଅନ୍ତର୍ଗତ ରାଣୀସାହି, ଖଜୁରିଆ, ଗୁଡିବିଡ଼ା, ନେଡିସାହି, ଡମକୁର୍, ବାରମୁଣ୍ଡା, ବଡ ଭୁରୁତା, ସାନ ଭୁରୁତା, କାତଡ଼ା ଓ କଣ୍ଧମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ସମିତିର ବଘିଆ, ରେକଡୁଲ୍, ମାଣିକପୁର ତମ୍ବାସିନା। ବର ଗାଁ ପଞ୍ଚାୟତର ଲେଙ୍ଗିରି ମାଲ, ମଲିକୁଦ, ମାତାକୁପା ଗଦଗଦି ପଡ଼ା, ବାରିଗୁଭା, କାଣ୍ଡି ସିମେଲ, ପୁଟା ଖେତା । ନାରାୟଣ ପ୍ରସାଦ ପଞ୍ଚାୟତର ରିଙ୍ଗାପଡ଼ା, ବଡ଼ଲୁଣ୍ଟୁ, ପାଲେଙ୍ଗ ବାହାଲି, ସିଲେଇମାଲ ଇତ୍ୟାଦି ସ୍ଥାନରେ କନ୍ଧ ଆଦିବାସୀମାନେ ବସବାସ କରୁଥିବା ଦେଖାଯାଇଥାଏ ।

କେତେକ କନ୍ଧ ଆଦିବାସୀଙ୍କୁ ଅଞ୍ଚଳ ଅନୁସାରେ ଦେଶିଆ କନ୍ଧ ମଧ୍ୟ କହିଥାନ୍ତି । ତେଣୁ ସେହି ପ୍ରକାରେ ଓଡ଼ିଶାର ୧୩ ଜିଲ୍ଲା ହେଉ ଅଥବା ସାଂପ୍ରତିକ ୩୦ ଜିଲ୍ଲା ହେଉ, ଏହାର ଜୀବନ, ଜୀବିକା, ପର୍ବପର୍ବାଣୀ, କଳା, ସଂସ୍କୃତି କାହା ସହ ସମାନ ନଥାଏ । ଯଦିଓ ସେ ଏକା ହିନ୍ଦୁ ଧର୍ମାବଲମ୍ବୀ ତେବେ ଆଞ୍ଚଳିକ ଭିର୍ତ୍ତିରେ ରୂପରେଖ ପରିବର୍ତ୍ତନର ଆଭାସ ମିଳେ । ସେ ଯାହା ହେଉ ଓଡ଼ିଶାର ଆଦିବାସୀ ଗୋଷ୍ଠୀକୁ ଅବଲୋକନ କଲେ ଦେଖାଯାଏ । ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ଗୋଷ୍ଠୀ ମଧ୍ୟରୁ କନ୍ଧ ଜନଜାତି ସଂଖ୍ୟାଗରିଷ୍ଠ ଓ ଅନ୍ୟତମ ଅଟନ୍ତି । ଗବେଷକ ଗଣ କନ୍ଧ ଜନଜାତିକୁ ମୁଖ୍ୟତଃ କୁଟିଆ, ଡଙ୍ଗରିଆ ଓ ଦେଶିଆ ଭେଦରେ ତିନି ଭାଗରେ ଚିହ୍ନିତ କରିଛନ୍ତି ।

ବୌଦ୍ଧ ଜିଲ୍ଲାର କନ୍ଧ ଜନଜାତିଙ୍କ ଚାଲି, ଚଳନ, ରୀତିନୀତି, ପର୍ବପର୍ବାଣୀ ଦେଖିବାକୁ ଟିକେ ଅନ୍ୟମାନଙ୍କଠୁ ନିଆରା । ଏମାନେ ଆଗ ଅପେକ୍ଷା ବର୍ତ୍ତମାନ କିଛିଟା ନିଜକୁ ପରିବର୍ତ୍ତନ ଓ ଯତ୍ନଶୀଳ କଲେଣି । କିନ୍ତୁ ତଥାପି କେତେକ କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ହେବାର ଦେଖା ଯାଉନି ।

## (୪) ଜୀବନ ଚର୍ଯ୍ୟା

**(କ) ବାସଗୃହ** ମଣିଷ ଜୀବନ ଧାରଣ କରିବା ପାଇଁ ଯେମିତି ଖାଦ୍ୟପେୟ, ବେଶ ପୋଷାକର ଆବଶ୍ୟକତା ହୋଇଥାଏ । ଠିକ୍ ସେହିପରି ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀମାନେ ମଧ୍ୟ ବର୍ତ୍ତମାନ ଗୋଟିଏ ସ୍ଥାନରେ ବାସଗୃହ ନିର୍ମାଣ କରି ବସବାସ କରୁଥିବା ଦେଖିବାକୁ ମିଳିଥାଏ । କନ୍ଧ ଆଦିବାସୀମାନେ ବସବାସ କରୁଥିବା "ଗ୍ରାମଗୁଡ଼ିକ ସାଧାରଣତଃ କେତେଗୁଡ଼ିଏ ସାହି(ପଡ଼ା)ରେ ବିଭକ୍ତ ହୋଇଥାଏ । ତାଙ୍କର ଗ୍ରାମଗୁଡ଼ିକ ମଝିରେ ବଡ଼ ଚଉଡ଼ା ରାସ୍ତା ଯାଇଥାଏ ଏବଂ ରାସ୍ତାର ଦୁଇ ପାର୍ଶ୍ୱରେ ଘର

ଗୁଡ଼ିକ ରହିଥାଏ । କନ୍ଧ ଆଦିବାସୀମାନେ ବାସ କରୁଥିବା ଗ୍ରାମ ଗୁଡ଼ିକ ଅତ୍ୟନ୍ତ ସୁନ୍ଦର ଓ ମନୋମୁଗ୍ଧକର । ପାହାଡ଼କୁ ଲାଗି ଛୋଟ ଛୋଟ ଘରଗୁଡ଼ିକ ମୁଣ୍ଡଟେକି ଠିଆ ହୋଇଥାଏ ଏବଂ ତାରି ଚାରି ପାଖରେ ଚିରହରିତ୍ ଆମ୍ବ, ପଣସ, ସଲପ, ଓ ମହୁଲ ଇତ୍ୟାଦି ଗଛଗୁଡ଼ିକ ଘେରି ରହିଥାଏ । କନ୍ଧ ଆଦିବାସୀ ଗ୍ରାମ ଗୁଡ଼ିକ ପ୍ରାୟ ବଡ଼ ବଡ଼ ଓ ଘର ଗୁଡ଼ିକ ଲାଗି ଲାଗି ରହିଥାଏ। କିନ୍ତୁ କେତେକ କନ୍ଧ ଆଦିବାସୀ ଗ୍ରାମ ଗୁଡ଼ିକ ଛୋଟ ଛୋଟ ଓ ଘର ଗୁଡ଼ିକ ବିଛିନ୍ନ ଭାବରେ ରହିଥିବା ଦେଖିବାକୁ ମିଳେ ।

ଏମାନେ ତିନି ବଖରା ବିଶିଷ୍ଟ ଘର ତିଆରି ପାଇଁ ଚବିଶି ଫୁଟ୍ ଲମ୍ବର ମାପ ନେଇଥାନ୍ତି । ଏଥିରେ ତିନୋଟି କୋଠରି ଥାଏ । ଗୋଟିଏ କୋଠରିରେ ନିଜେ ବସାଉଠା କରିବା ପାଇଁ ବ୍ୟବହାର କରୁଥିବାବେଳେ ଅନ୍ୟଟିରେ ନିଜର ଧାନ, ମାଣ୍ଡିଆ, ମୁଗ, ବିରି, କୋଳଥ ଇତ୍ୟାଦି ରଖିଥାନ୍ତି ଏବଂ ଅନ୍ୟଟି ହେଉଛି ତାଙ୍କର ରୋଷେଇ ଗୃହ । ଏହି ଗୃହ ନିର୍ମାଣ ପାଇଁ ତିନୋଟି ବାର ଫୁଟ୍ ଉଚ୍ଚତା ବିଶିଷ୍ଟ ଖୁଣ୍ଟ ଘରର ମାପ ହୋଇଥିବା ସ୍ଥାନର ଦୁଇ ମୁଣ୍ଡରେ ମାଟିରେ ପୋତା ଯାଇଥାଏ । ଏହାକୁ ‘ତୁଲିଆ ଖୁଣ୍ଟ” ବୋଲି କହିଥାନ୍ତି । ଏହି ଖୁଣ୍ଟ ଉପରେ ସମାନ ଲମ୍ବର ଏକ କାଠ ରଖାଯାଇଥାଏ, ଯାହାକୁ ‘ପାଟି’ କହିଥାନ୍ତି । ଏହି ମଝି ତୁଲିଆ ଖୁଣ୍ଟରୁ ବାମ ଓ ଡାହାଣ ପାର୍ଶ୍ୱରେ ଛଅ ଫୁଟ୍ ଛାଡ଼ି ଦଶ ଫୁଟ୍ ଲମ୍ବର ତିନୋଟି ଲେଖାଏଁ ତୁଲିଆ ଖୁଣ୍ଟ ସିଧାରେ ମାଟି ଉପରେ ପୋତା ଯାଇଥାଏ । ଏହାକୁ ପାନି ଖୁଣ୍ଟ ବୋଲି କହିଥାନ୍ତି । ଏହି ‘ପାନି ଖୁଣ୍ଟ’ ଉପରେ ଦୁଇ ପାର୍ଶ୍ୱରେ ଦୁଇଟି ‘ପାଟି’ ରଖାଯାଇଥାଏ । ପୁଣି ତୁଲିଆ ଖୁଣ୍ଟରୁ ବାମ ଓ ଡାହାଣ ପାର୍ଶ୍ୱରେ ପାନି ଖୁଣ୍ଟ ବସିଥିବା ତଳକୁ ଘରର ପିଣ୍ଡା (ବାରଣ୍ଡା) ବସିବା ସିଧାରେ ତିନୋଟି ଲେଖାଏଁ ଖୁଣ୍ଟ ପୋତା ଯାଇଥାଏ । ଏହା ଉପରେ ମଧ୍ୟ ଏକ ପାଟି ରଖାଯାଇଥାଏ, ଯାହାକୁ ‘ପାନି ଖୁଣ୍ଟ’ ଓ ‘ପାନି ପାଟି’ ବୋଲି କହିଥାନ୍ତି । ଘରର କାନ୍ଥ ତିଆରି ପାଇଁ କିଏ କିଏ ମେଢ଼ା ପୋତିଥିବା ବେଳେ କିଏ କିଏ ବାଉଁଶରେ ଗୁନ୍ଥା ହୋଇଥିବା ‘ତାଟି’ ତିଆରି ଘରର ପାନି ଖୁଣ୍ଟ ସିଧାରେ ଖୁଣ୍ଟମାନଙ୍କୁ ଲାଗି ବନ୍ଧା ଯାଇଥାଏ । ଏବଂ ତା ଉପରେ ଅତି ସୁନ୍ଦର ଓ ଚିକ୍କଣ ଭାବରେ ଲାଲ୍ ରଙ୍ଗର ମାଟିରେ ଲିପାଯାଇଥାଏ । ଘରର ଛାଉଣି ପାଇଁ ନଡ଼ା କିମ୍ବା ଛଣ(ଜଙ୍ଗଲରେ ମିଳୁଥିବା ଏକ ପ୍ରକାରର ଘାସ) ଦ୍ୱାରା ଘର ଛପର କରିଥାନ୍ତି । ଏହି ଘର ଛପର ସମୟରେ ବାନ୍ଧିବା ପାଇଁ ଶିଆଳି ଦଉଡ଼ି(ପଟ୍ଟ) ବ୍ୟବହାର କରିଥାନ୍ତି ।

ଏହିପରି ଭାବରେ ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀମାନେ ନିଜର ଗୃହ ନିର୍ମାଣ କରିଥାନ୍ତି । କିନ୍ତୁ ବର୍ତ୍ତମାନ ଦେଖିବାକୁ ଗଲେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଜୁ ପକ୍କାଘର, ମୋ କୁଡ଼ିଆ ଯୋଜନା, ଇନ୍ଦିରା ଆବାସ ଯୋଜନା ପାଇବା ଫଳରେ ସେମାନେ ପକ୍କାଘର ତିଆରି ରହୁଥିବା ଦେଖାଗଲାଣି । କନ୍ଧ ହେଉଛି ଏକ ସରଳ, ନିରୀହ, ଓ ନିରାଡ଼ମ୍ବର ଜନଜାତି । ଏମାନେ ବିଶେଷ ଭାବରେ ଅନ୍ଧବିଶ୍ୱାସୀ ଅଟନ୍ତି । ନିଜର ପରିବାର ମଧ୍ୟରେ କାହାର କଣ ହେଲେ ପ୍ରଥମେ ଗୁଣିଆ(ତାନ୍ତ୍ରିକ)କୁ ଦେଖାଇଥାନ୍ତି । କନ୍ଧ ମାନଙ୍କର ଘରର କାନ୍ଥଗୁଡ଼ିକ ଝାଟିମାଟିରେ ଅଥବା ସ୍ଥାନେସ୍ଥାନେ କାଠ ପଟାରେ ତିଆରି ହୋଇ ମଧ୍ୟେମଧ୍ୟେ କାଠଖୁଣ୍ଟମାନ ଦିଆଯାଇଥାଏ । ଘରର ଛାଉଣୀ ନଡ଼ାରେ ଛପର ହୋଇଥାଏ । ଘରଟିର ଛାତ(ଡବା/ଆଟୁ) ବାଉଁଶ ଦେଇକି ତା ଉପରେ ନିମ୍ବପତ୍ର ପଡ଼ି ମାଟି ପକାଯାଇ ତିଆରି ହୋଇଥାଏ । ଏଇ କନ୍ଧ ଗାଁ ଘର ଗୁଡ଼ିକରେ ଝରକା ଦେଖିବାକୁ ମିଳିନଥାଏ । ଘରର ସାମନାରେ ଛୋଟ ବାରଣ୍ଡା (ପିଣ୍ଡା) ଥାଏ, ଓ ଚଟାଣ ଗୁଡ଼ିକ ଯଥାସାଧ୍ୟ ସମତଳ ଓ ଚିକ୍କଣ କରାଯାଇଥାଏ । ଘରର ପିଣ୍ଡା ବା କାନ୍ଥ ଗେରୁ ରଙ୍ଗ ମାଟିରେ ରଙ୍ଗେଇ କିମ୍ବା ପୋଡ଼ା ପାଳର(ପୁଆଁଳ) ପାଉଁଶକୁ ଗୋବରରେ ମିଶାଇ ଲିପାହୋଇ ତା ଉପରେ ଚିତା ପକାଯାଇଥିବାରୁ ବଡ଼ ମଜଭୁତ୍ ଓ ସୁନ୍ଦର ଦେଖାଯାଇଥାଏ । ସତେ ଯେପରି ଦେଖିଲେ ମନେହୁଏ, ସିମେଣ୍ଟ ବ୍ୟବହାର କରାଯାଇଛି । କନ୍ଧ ଆଦିବାସୀ ଘରଠୁ ଟିକେ ଛାଡ଼ି ଗାଈଗୁହାଳ, ଛେଳି ଓ ମେଣ୍ଢା ଗୁହାଳ ରହିଥିବା ଦେଖିବାକୁ ମିଳେ ।

କନ୍ଧ ଆଦିବାସୀମାନଙ୍କର ପ୍ରତ୍ୟେକ ଗାଁ ମଝିରେ ଗ୍ରାମ ଦେବୀ ବା ମାଟି ମାଁର ଦେବୀକୁ ‘ଯାନୀ’ ବା ‘ଦେହେରୀ’ ସ୍ଥାପନ କରିଥାନ୍ତି । ପୂର୍ବେ ପ୍ରତି ଗ୍ରାମରେ ଯୁବକ ଯୁବତୀମାନଙ୍କ ପାଇଁ ଧାଙ୍ଗଡ଼ା ଓ ଧାଙ୍ଗଡ଼ୀ(ଅବିବାହିତ ପୁଅ ଓ ଝିଅ) ଘର ଥିଲା । କିନ୍ତୁ ସାମ୍ପ୍ରତିକ ସମୟରେ ସେ ସବୁ ଆଉ ଦେଖିବାକୁ ମିଳୁନାହିଁ । ଧାଙ୍ଗଡ଼ା ବସା ଓ ଧାଙ୍ଗଡ଼ୀ ବସା ବଦଳରେ କ୍ଲବ୍ ଘର ନିର୍ମାଣ ହୋଇଥିବା ଦେଖିବାକୁ ମିଳେ । ଏହା ବର୍ତ୍ତମାନ ସରକାର ପ୍ରତ୍ୟେକ ଗ୍ରାମକୁ ଗୋଟିଏ ଗୋଟିଏ କ୍ଲବ୍ ଘର ଦେଇଥିବା ଦେଖାଯାଏ। ସେଠାରେ ଅବିବାହିତ ଯୁବକ ଓ ଯୁବତୀମାନେ ଅବସର ସମୟରେ ନାଚ ଗୀତ ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ କରିଥାନ୍ତି ।”(୪)

## (ଖ) ଖାଦ୍ୟପେୟ

ଓଡ଼ିଶାର ଗିରିକନ୍ଦର, ଅରଣ୍ୟ ଓ ପାହାଡ଼ କୋଳରେ ୬୨ ପ୍ରକାର ଆଦିବାସୀ ଗୋଷ୍ଠୀ ବସବାସ କରିଥାନ୍ତି । ଓଡ଼ିଶାର ମୋଟ ଜନସଂଖ୍ୟାର ଶତକଡ଼ା ୪ ଭାଗ କନ୍ଧ ଆଦିବାସୀମାନେ ଫୁଲବାଣୀ, ବୌଦ୍ଧ, କୋରାପୁଟ, କଳାହାଣ୍ଡି, ବଲାଙ୍ଗିର, ଗଜପତି ଓ ଗଞ୍ଜାମ ଏହିସବୁ ଜିଲ୍ଲାମାନଙ୍କରେ ବାସ କରନ୍ତି । ବୌଦ୍ଧ ଜିଲ୍ଲାଟି କନ୍ଧ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରକୃତି ଓ ବେଷ୍ଟନୀକୁ ନେଇ କନ୍ଧମାନଙ୍କର ଅବସ୍ଥା ଭିନ୍ନଭିନ୍ନ ହୋଇଥାଏ ।

ଆଦିବାସୀମାନେ ଅନେକ ପ୍ରକାର ଖାଦ୍ୟ ଖାଇବା ଦେଖିବାକୁ ମିଳିଥାଏ । “ଯଥା- ମାଣ୍ଡିଆ ଯାଉ, ଭାତ, ଜଙ୍ଗଲ ଜାତ ବିଭିନ୍ନ ଶାଗ, କରଡ଼ି, ଛତୁ ଇତ୍ୟାଦି ଖାଇଥାନ୍ତି । ଠିକ୍ ସେହିପରି ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀମାନେ ମଧ୍ୟ ଭାତ, ଜଙ୍ଗଲ ଜାତ ବିଭିନ୍ନ ଶାଗ, କରଡ଼ି, ଛତୁ ଇତ୍ୟାଦି ଖାଦ୍ୟ ସଂଗ୍ରହ କରି ରାନ୍ଧି ଖାଇଥାନ୍ତି । କନ୍ଧ ଆଦିବାସୀମାନେ ସଂପୂର୍ଣ୍ଣ ଭାବେ ପ୍ରକୃତି ଉପରେ ନିର୍ଭର କରି ଚଳନ୍ତି । ତେଣୁ ସେମାନେ ଜଙ୍ଗଲ ଓ ପାହାଡ଼ର ଢାଲୁ ସ୍ଥାନରେ ଜଙ୍ଗଲ ସଫାକରି ହଳଦୀ, ମୁଗ, ବିରି, କୋଳଥ, ଶୋରିଷ ମାଣ୍ଡିଆ, କୁଦ, କାନ୍ଦୁଲ ଓ ନିଜ ଘର ବାଡ଼ି ପଛପଟେ ମକା(ଜହ୍ନା), ସୂର୍ଯ୍ୟମୁଖୀ, ଜଞ୍ଜାଲା, ଝୁଡୁଙ୍ଗ, ଆଳୁ, ବାଇଗଣ, ଟମାଟୋ, ଭେଣ୍ଡି, ଲଙ୍କା, ପିଆଜ, ଅମୃତ ଭଣ୍ଡା ଇତ୍ୟାଦି ପନିପରିବା ଚାଷ କରିଥାନ୍ତି ଖାଦ୍ୟ ନିମନ୍ତେ । ଶାଗ ମଧ୍ୟରେ କଖାରୁ ଶାଗ, ବରଡ଼ା ଶାଗ,(କୁଳାରି ଶାଗ) ପାଣି ଶାଗ ଓ ନିମ୍ବ ଫୁଲକୁ ମଧ୍ୟ ସେମାନେ ରାନ୍ଧିକି ଖାଆନ୍ତି । ପିଇବାକୁ ସେମାନେ ମହୁଲି ମଦ, ସଲପ ରସ, ଖଜୁରୀ ରସ ଇତ୍ୟାଦିକୁ ପାନୀୟ ରସ ଭାବରେ ବ୍ୟବହାର କରିଥାନ୍ତି ।

ଏହା ବ୍ୟତୀତ ସେମାନେ ପର୍ବପର୍ବାଣୀ-ମାନଙ୍କରେ ଛେଳି, ମେଣ୍ଢା, କୁକୁଡ଼ା, ମାଛ ପ୍ରଭୃତିର ମାଂସ ଖାଉଥିବା ଦେଖିବାକୁ ମିଳିଥାଏ । ଲଙ୍ଗଳ,

ଯୁଆଡ଼ି, କୋଡ଼ି ବା ଫାଉଡ଼ା, ଖୁରୁପି ବା କୋଦାଳ ଓ ସାବଳ ସେମାନଙ୍କର ପ୍ରଧାନ ଚାଷ ଉପକରଣ । ଫୁଲବାଣୀ ଜିଲ୍ଲାର କେତେକ ଗାଁ ମାନଙ୍କରେ ଦେଖିବାକୁ ମିଳେ କନ୍ଧମାନେ ଗାଇକୁ ଯୋଚି(ଫାନ୍ଦି) ହଳ କରୁଥିବା ଦେଖାଯାଏ । କିନ୍ତୁ ବୌଦ୍ଧ ଜିଲ୍ଲାରେ ତାହା ଦେଖିବାକୁ ମିଳିନଥାଏ । କାରଣ ହିନ୍ଦୁ ଧର୍ମର ଶାସ୍ତ୍ର ଅନୁସାରେ ଗୋରୁକୁ ସମସ୍ତେ ଭଗବାନ ଭାବରେ ପୂଜା କରିଥାନ୍ତି । କନ୍ଧ ଆଦିବାସୀମାନଙ୍କର ବିଶ୍ୱାସ ଅଛି ଯେ ଗାଇ ହେଉଛି ଭଗବାନ ତେଣୁ କରି ବଳଦ କୁ ହିଁ ଲଙ୍ଗଳରେ ଯୋଚି(ଫାନ୍ଦି) ହଳ କରିଥାନ୍ତି ।"(୫)

### (ଗ) ଜନ୍ମ ସଂସ୍କାର

ଓଡ଼ିଶାରେ ବାଷଠି ପ୍ରକାର ଆଦିବାସୀ ବସବାସ କରୁଥିବା ଦେଖାଯାଇଥାଏ । ପ୍ରତ୍ୟେକ ଆଦିବାସୀଙ୍କର ସ୍ଥାନ, କାଳ ଓ ପାତ୍ର ଭେଦରେ ନିଜର ରୀତିନୀତି ଭିନ୍ନ ଭିନ୍ନ ଭାବରେ ପାଳନ କରୁଥିବା ଦେଖିବାକୁ ମିଳିଥାଏ । ସେଥି ମଧ୍ୟରୁ ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀମାନଙ୍କର ରୀତିନୀତି ଏକ ସ୍ୱତନ୍ତ୍ର ଭାବରେ ଦେଖିବାକୁ ମିଳେ । "କନ୍ଧ ଆଦିବାସୀ ସମାଜରେ ଯଦି ଗୋଟିଏ ଶିଶୁଜନ୍ମ ହୁଏ, ତେବେ ସେହି ଶିଶୁର ନାଭିକୁ ଏକ ବ୍ଲେଟ୍ ସାହାଯ୍ୟରେ କାଟୁଥିବା ଦେଖିବାକୁ ମିଳିଥାଏ । ଏଥିପାଇଁ ଜଣେ ସ୍ୱତନ୍ତ୍ର ମହିଳାକୁ ଏଠାରେ ନିୟୋଜିତ କରାଇଥାନ୍ତି । ଯିଏ ଶିଶୁଜନ୍ମ ଓ ଶିଶୁର ନାଭି କଟା ଏବଂ ଜନ୍ମ ପରେ ଶିଶୁକୁ ସଫା କପଡ଼ାରେ ଭଲ ଭାବରେ ପୋଛି ସୁରକ୍ଷିତ ରଖିବା ଜାଣିଥାଏ । ଶିଶୁର ଜନ୍ମ ପରେ କଟାଯାଇଥିବା ନାଭିକୁ ଶୁଖାଇବା ପାଇଁ ଏକ ମାଟି ପାତ୍ର (ଉମ୍ବାଇ)ରେ ନିଆଁ ଆଣି ରାଶି ତେଲ କିମ୍ବା ଜଡ଼ାତେଲ ହାତରେ ଲଗାଇ ନିଆଁର ଉଷମରେ ଶିଶୁର ପେଟକୁ ସେକା ଯାଇଥାଏ । ଏହା କରିବା ଦ୍ୱାରା ଶିଶୁଟିର କଟା ନାଭି ଅଂଶଟି ଶୁଖିଯାଇଥାଏ । ଏମିତି ଶିଶୁଟି ଶକ୍ତ ନହେବା ପର୍ଯ୍ୟନ୍ତ ନିଆଁରେ ସେକିଥାନ୍ତି । ଏହି ଶିଶୁ ଜନ୍ମର ସାତ ଦିନ ହେବାପରେ ସାନ ହାଣ୍ଡି (ଛୁଆଁ ଭେଦଭାବକୁ ଉଠାଇବା ନିମନ୍ତେ) କରାଯାଇଥିବା ଦେଖିବାକୁ ମିଳେ । ଏଠାରେ କୌଣସି ବନ୍ଧୁ କିମ୍ବା ସମ୍ପର୍କୀୟଙ୍କୁ ଡକାଯାଇନଥାଏ । କେବଳ ୧୦ ବର୍ଷ ଭିତରେ ବୟସ ଥିବା ଛୋଟ ଛୁଆମାନଙ୍କୁ ଡାକି ଏକ ଛୋଟ ଭୋଜିଟିଏ ଦେଇ ଛୁଆଁ ଭେଦ ଭାବରୁ ମୁକ୍ତି ପାଇଥାଏ ।

ଶିଶୁଜନ୍ମଠାରୁ ଏକୋଇଶିଆ ଦିନ ହେଲେ ସେହିଦିନ ଏକୋଇଶିଆ ବ୍ରତ ପାଳନ କରିଥାନ୍ତି । ଏଠାରେ ବିବାହ ବ୍ରତ ଭଳି ବଡ଼ ଆଡ଼ମ୍ବର ସହିତ ଭୋଜିର ଆୟୋଜନ କରି ତାଙ୍କର ସମସ୍ତ ବନ୍ଧୁ ସମ୍ପର୍କୀୟଙ୍କୁ ଡକାଇ ଏହି ଏକୋଇଶିଆ ବ୍ରତଟି ପାଳନ କରିଥାନ୍ତି । ଏଥିରେ ଶିଶୁର ମାମୁଁ ଘର ଲୋକେ ମଧ୍ୟ ଆସିଥାନ୍ତି । ଶିଶୁର ମାମୁଁ ଘର ଲୋକ ଶିଶୁ ପାଇଁ ନୂଆ ସାର୍ଟ, ପ୍ୟାଣ୍ଟ, କଜଳ, ପାଉଡର ଆଣିଥାନ୍ତି । ଏହା ବ୍ୟତୀତ ଘରର ପିତୃପୁରୁଷଙ୍କ ପୂଜା ସରିବା ପରେ ଶେଷରେ ଶିଶୁର ଗୋଡ଼ ଧୋଇବା କାର୍ଯ୍ୟ ଆରମ୍ଭ କରାଯାଇଥାଏ । ଏଥିରେ ଏକ କାଠ ପିଢ଼ାରେ ଶିଶୁର ଗୋଡ଼ ଦୁଇଟି ଝୁଲିବା ଅବସ୍ଥାରେ ରଖି ଶିଶୁର ମା କିମ୍ବା ଅନ୍ୟ ସ୍ତ୍ରୀ ଲୋକ ଶିଶୁକୁ କୋଳରେ ଧରି ବସିଥାଏ । ଏକୋଇଶିଆ କୁ ଆସିଥିବା ସମସ୍ତ ଲୋକ ଓ ବନ୍ଧୁ ସମ୍ପର୍କୀୟମାନେ ଜଣେ ପରେ ଜଣେ ଆସି ଶିଶୁର ମଙ୍ଗଳ କାମନା କରି ଗୁଡ଼ ପାଣିରେ କିମ୍ବା କ୍ଷୀର ଦ୍ୱାରା ଶିଶୁର ଗୋଡ଼ ଧୋଇ ଦେଇଥାନ୍ତି । ଏବଂ ଶିଶୁ ପାଇଁ ନୂଆ ସାର୍ଟ, ପ୍ୟାଣ୍ଟ, କଜଳ, ପାଉଡର ଯିଏ ଯାହା ଆଣିଥାନ୍ତି ଶିଶୁକୁ ଦେବା ଦେଖିବାକୁ ମିଳିଥାଏ ।

କନ୍ଧ ଆଦିବାସୀ ସମାଜରେ ଏକ ପରମ୍ପରା ଦେଖିବାକୁ ମିଳେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ଯଥା- ଶିଶୁ ଜନ୍ମ, ଏକୋଇଶିଆ, ବିବାହ ବ୍ରତ ଓ ଶୁଦ୍ଧିକ୍ରିୟା ଇତ୍ୟାଦି କାର୍ଯ୍ୟରେ ସେମାନେ ବ୍ରାହ୍ମଣ କିମ୍ବା ବାରିକ ଦ୍ୱାରା କାର୍ଯ୍ୟ କରିନଥାନ୍ତି । ସେଥିପାଇଁ ସେମାନେ ନିଜର ବନ୍ଧୁ ବଂଶର ଲୋକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିବା ଦେଖିବାକୁ ମିଳିଥାଏ । ଯେଉଁମାନେ ଏଥିରେ କନ୍ଧମାନଙ୍କର ସାହାଯ୍ୟ କରିଥାନ୍ତି, ସେମାନଙ୍କୁ 'ଜାତି ଲୋକ' (ଗୋଟିଏ ଜାତି କିନ୍ତୁ ଅଲଗା ବଂଶର ହୋଇଥିବେ) ବୋଲି କୁହାଯାଇଥାଏ । କନ୍ଧ ଆଦିବାସୀମାନେ ମଧ୍ୟ ସେମାନଙ୍କ ପ୍ରତ୍ୟେକ କାର୍ଯ୍ୟରେ ତାଙ୍କର 'ଜାତି ଲୋକ' ବା 'ଭାଇ' ଭାବରେ ସାହାଯ୍ୟ କରିଥାନ୍ତି । ତେଣୁ ଦୁହେଁ ଦୁହିଁଙ୍କର ଜାତି ଲୋକ ଭାଇ ଭାବରେ କାର୍ଯ୍ୟ କରିଥାନ୍ତି ।"(୬)

### (ଘ) ବେଶ ପୋଷାକ

ଓଡ଼ିଶାରେ ଯେହେତୁ ଅନେକ ପ୍ରକାର ଆଦିବାସୀ ବସବାସ କରିଥାନ୍ତି । ସେମାନଙ୍କ ସମ୍ପ୍ରଦାୟ ମଧ୍ୟରୁ କିଛି ଆଦିବାସୀମାନଙ୍କର ସ୍ୱତନ୍ତ୍ର ବେଶ ପୋଷାକ ଥିବା ଦେଖିବାକୁ ମିଳିଥାଏ, ଯଥା- ସାନ୍ତାଳ, ଶବର, ବଣ୍ଡା, ଇତ୍ୟାଦି । ଏହା ବ୍ୟତୀତ କିଛି ଆଦିବାସୀମାନେ ଅଞ୍ଚଳର ଅନୁସାରେ ବେଶ ପୋଷାକ ଧାରଣ କରୁଥିବା ଦେଖିବାକୁ ମିଳିଥାଏ । ଠିକ୍ ସେହିପରି ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀମାନେ ମଧ୍ୟ ଅଞ୍ଚଳ ଅନୁସାରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥାନ୍ତି ।

"ବୌଦ୍ଧ ଜିଲ୍ଲାର କନ୍ଧ ସମ୍ପ୍ରଦାୟର ପୁରୁଷମାନେ ସାଧାରଣତଃ ଏକ ଲେଙ୍ଗୁଟି ପିନ୍ଧିଥାନ୍ତି ଓ ଅଣ୍ଟାରୁ ଉପର ଭାଗ ଦେହ ଫୁଙ୍ଗୁଳା ହୋଇଥାଏ । ମହିଳାମାନେ ବକ୍ଷଦେଶରେ ଗୋଟିଏ କପଡ଼ା ଆବୃତ କରି ତାଙ୍କ ପଛପାଖରେ ଗଣ୍ଠି ପକାଇଥାନ୍ତି । କିନ୍ତୁ ବର୍ତ୍ତମାନ ଦେଖିବାକୁ ଗଲେ ପୁରୁଷମାନେ ଲୁଙ୍ଗି, ଧୋତି, ଗଞ୍ଜି, ସାର୍ଟ-ପ୍ୟାଣ୍ଟ ପରିଧାନ କରୁଥିବା ଦେଖାଏ । ଯୁବତୀମାନେ ସମ୍ବଲପୁରୀ ଶାଢୀ, ବ୍ଲାଉଜ, ସାୟା, ଇତ୍ୟାଦି ବସ୍ତ୍ରମାନ ପିନ୍ଧିଥାନ୍ତି । ଶିଶୁମାନେ ତିନିଚାରି ବର୍ଷ ବଡ଼ ହେବା ପର୍ଯ୍ୟନ୍ତ ଲଙ୍ଗଳା ହୋଇ ବୁଲୁଥାନ୍ତି । ଯୁବକମାନେ ଅତ୍ୟାଧୁନିକ ସମୟକୁ ତାଳଦେଇ ଲୁଙ୍ଗି ଓ ସାର୍ଟ-ପ୍ୟାଣ୍ଟ ପରିଧାନ କଲେଣି ।

କନ୍ଧ ମହିଳାମାନେ ଅଳଙ୍କାର ପିନ୍ଧିବା-ପାଇଁ ବେଶ ଭଲପାଆନ୍ତି । ପ୍ରଥମେ ହାତରେ ମେଞ୍ଚାଏ ଚୁଡ଼ି, କାନ ନାକରେ ଥୋପ, ବେକରେ କାଠ ନହେଲେ ପଥର ମାଳି, ପୋହଳା ହାର, ଗୋଡ଼ରେ ପଟି, ହାତରେ ଖଡୁ ପିନ୍ଧୁଥିଲେ । କିନ୍ତୁ ବର୍ତ୍ତମାନ ଢେର୍ ପରିବର୍ତ୍ତନ ହେଲାଣି କନ୍ଧ ମହିଳାମାନେ ସାଧାରଣତଃ ହାତରେ କାଚ ଚୁଡ଼ି, ସୁନା, ରୁପା ଓ ପାଖ ହାଟ ବଜାରରେ ମିଳୁଥିବା ବିଭିନ୍ନ ଧାତୁନିର୍ମିତ ଅଳଙ୍କାର ଯଥା- କାନରେ କାନଫୁଲ, ନାକରେ ନାକଫୁଲ, ଗଳାରେ ହାର, ମୁଣ୍ଡରେ ମୁଣ୍ଡକଣ୍ଟା ଇତ୍ୟାଦି ପିନ୍ଧୁଥିବା ଦେଖାଯାଇଥାଏ । ପୂର୍ବରୁ ମହିଳାମାନେ ମୁହଁ ଓ ହାତ, ଗୋଡ଼ରେ ଝୋଟି ଚିତା କୁଟାଉଥିଲେ କିନ୍ତୁ ବର୍ତ୍ତମାନ ହାତ ଓ ଗୋଡ଼ରେ ହିଁ ଚିତା କୁଟାଇଥିବା ଦେଖିବାକୁ ମିଳିଥାଏ । ସେମାନଙ୍କର ବିଶ୍ୱାସ ମୃତ୍ୟୁପରେ ଚିତା ଚିହ୍ନ କେବଳ ସାଙ୍ଗରେ ଯାଏ । ଏହିପରି ଭାବରେ କନ୍ଧ ଆଦିବାସୀ ସମାଜରେ ବସ୍ତ୍ର ଓ ଅଳଙ୍କାର ପରିଧାନ କରୁଥିବା ଦେଖିବାକୁ ମିଳିଥାଏ ।"(୭)

## (ଙ) ବିବାହ ପ୍ରଥା

"ସମାଜଦ୍ୱାରା ଶୃଙ୍ଖଳିତ, ଗୃହିତ ଓ ସ୍ୱୀକୃତି ପ୍ରାପ୍ତ ବିଧିବିଧାନକୁ ବିବାହ କୁହାଯାଇଥାଏ ।"(୮) ତେଣୁ ଅନ୍ୟ ଆଦିବାସୀମାନଙ୍କ ପରି ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀଙ୍କ ବିବାହ ପ୍ରଥା ହେଉଛି ଅନ୍ୟତମ । ହିନ୍ଦୁ ବିବାହ ରୀତିନୀତି ପରି କନ୍ଧ ଆଦିବାସୀଙ୍କ ବିବାହରେ ହୋମ ନିଆଁ ଜଳାଇ ବ୍ରାହ୍ମଣ ବେଦଧ୍ୱନୀ, ମନ୍ତ୍ର ଉଚ୍ଚାରଣ କିମ୍ବା ଶଙ୍ଖ ହୁଳହୁଳି ଓ ପବନ ପ୍ରକମ୍ପିତ କରି ବିବାହ କରୁଥିବା ଦେଖିବାକୁ ମିଳିନଥାଏ । ଏହି ସମାଜରେ ବର ପକ୍ଷରଲୋକେ କନ୍ୟା ପକ୍ଷକୁ 'କନ୍ୟାମୁଲ' ଦେବାର ପ୍ରଥା କେଉଁ ଯୁଗରୁ ରହିଆସିଛି ଏବଂ ଆଜି ମଧ ତାହା ଦେଖିବାକୁ ମିଳେ । ଏହି ନିୟମକୁ 'କନ୍ୟାମୁଲ' ବୋଲି କୁହାଯାଇଥାଏ । ବିବାହ ସମୟରେ ବର ପକ୍ଷର ଲୋକେ କନ୍ୟା ପକ୍ଷକୁ କନ୍ୟାମୁଲ ବାବଦକୁ 'ପାଞ୍ଚ ଟଙ୍କା' ଦେଇଥାନ୍ତି । ଆଜି ମଧ ସେଇ ପାଞ୍ଚ ଟଙ୍କା ଦେଉଥିବାର ପ୍ରଥା ବୌଦ୍ଧ ଜିଲ୍ଲାର କନ୍ଧ ସମାଜରେ ଦେଖିବାକୁ ମିଳିଥାଏ । କିନ୍ତୁ ବର୍ତ୍ତମାନ ତାହା ଯୌତୁକ ପ୍ରଥାରେ ପରିବର୍ତ୍ତନ ହେବାର ଦେଖାଗଲାଣି । ପୂର୍ବେ କନ୍ଧ ଆଦିବାସୀ ସମାଜରେ କନ୍ୟାମୁଲ ସ୍ୱରୁପ ବରପକ୍ଷ କନ୍ୟା ପକ୍ଷକୁ ପୋଢ଼, ଗାଇ, ବଳଦ ଓ ଛେଳି ଦିଆଯାଉଥିବା ଦେଖିବାକୁ ମିଳୁଥିବାବେଳେ । କିନ୍ତୁ ବର୍ତ୍ତମାନ ତାହା ପରିବର୍ତ୍ତେ କନ୍ୟା ପକ୍ଷର ଲୋକେ ବରକୁ ହାତ ଘଣ୍ଟା, ସାଇକେଲ କିମ୍ବା ମୋଟର ସାଇକେଲ, ଆଙ୍ଗୁଠିକୁ ସୁନା ମୁଦି, ବେକକୁ ସୁନା ଚେନ୍ ଏବଂ ଯୌତୁକ ବାବଦକୁ ବଡ଼ କାଠ ବାକ୍ସ କିମ୍ବା ଟିଣ ବାକ୍ସଟିଏ, ଆଲମାରି, ଟିଭି, ପଙ୍ଖା, କୁଲର୍, ପିତ୍ତଳଗରିଆ, ରସ ହଣ୍ଡା, ତଥା ସମଗ୍ର ରୋଷେଇ ସାମଗ୍ରୀ ଦେଉଥିବା ଦେଖିବାକୁ ମିଳିଥାଏ । କନ୍ଧ ଆଦିବାସୀ ସମାଜରେ ବିଭିନ୍ନ ପ୍ରକାର ବିବାହ ପ୍ରଥା ପ୍ରଚଳିତ ଥିବା ଦେଖାଯାଏ, ଓ ସେଗୁଡ଼ିକ ହେଲା- ୧- ପ୍ରସ୍ତାବିତ ବିବାହ (Proposed marriage), ୨- ଝିକାଟଣା ବା ଅପହରଣ ଜନିତ ବିବାହ (Weddings or kidnappings), ୩- ପ୍ରେମ ବିବାହ (Love marriage), ୪- ବହୁ ବିବାହ (Many marriage), ୫- ବିଧବା ବିବାହ (Widow Remarriage), ୬- ଅପ୍ରାପ୍ତବୟସ୍କା କନ୍ୟା ବିବାହ (Marriage an underage girl), ୭- ଘରଜୋଇଁଆ ବିବାହ (Housewife marriage)

### ୧. ପ୍ରସ୍ତାବିତ ବିବାହ (Proposed marriage)

ପ୍ରସ୍ତାବିତ ବିବାହ କହିଲେ ଯେଉଁ ବିବାହ ସାମାଜିକ ରୀତିନୀତି ଏବଂ ପରିବାରର ସମ୍ମତି କ୍ରମେ ହୋଇଥାଏ ତାହାକୁ ପ୍ରସ୍ତାବିତ ବିବାହ ବୋଲି କୁହାଯାଇଥାଏ । ଏହି ବିବାହକୁ କନ୍ଧ ଆଦିବାସୀମାନେ ଉତ୍ତମ ବିବାହ ପଦ୍ଧତି ଭାବରେ ଗ୍ରହଣ କରିଥାନ୍ତି । ଏହା ମଧସ୍ଥି ଦ୍ୱାରା ବିବାହଟି ସମ୍ପର୍ଣ୍ଣ ହୋଇଥାଏ ।

### ୨. **ଝିକାଟଣା ବା ଅପହରଣ ଜନିତ ବିବାହ** (Weddings or kidnappings)

ଝିକାଟଣା ବା ଅପହରଣ ଜନିତ ବିବାହ କହିଲେ ଗୋଟିଏ ପୁଅ ଗୋଟିଏ ଝିଅକୁ ପସନ୍ଦ କରୁଥିଲେ ତାକୁ ନିଜ ସାଙ୍ଗସାଥୀମାନଙ୍କ ସହିତ ମିଶି ଯୋର୍ ଜବରଦସ୍ତ ବଳ ପ୍ରୟୋଗ କରି ଝିକି ଆଣି ବିବାହ କରିଥାଏ । କୌଣସି ଏକ ଯାନୀଯାତ୍ରା ହେଉ, କିମ୍ବା ହାଟ, ବଜାର ଓ ମେଳା ହେଉ ସେଠାରେ ଗୋଟିଏ ଭେଣ୍ଡିଆ ଗୋଟିଏ ଧାଙ୍ଗଡ଼ି କୁ ଦେଖି ତାକୁ ବିବାହ କରିବା ପାଇଁ ମନରେ ଗୋଟେ ଅହେତୁକ ଭାବନା ଜାତ ହୋଇଯାଏ । ସେ ସେଇ ଝିଅକୁ ଏମିତି କେତେଦିନ ଦେଖିବା ପରେ ନିଜଆଡୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଥାଏ । ପୁଅଟିର ଏହି ପ୍ରସ୍ତାବରେ ଝିଅଟି ଯଦି ରାଜି ନହୁଏ, ତେବେ ସେହି ପୁଅଟି ନିଜ ସାଙ୍ଗ ସାଥିମାନଙ୍କ ସହିତ ମିଶି ସେ ଝିଅକୁ ଯୋର୍ ଜବରଦସ୍ତି ଉଠାଇ ଆଣିଥାଏ । ଏପରି ବିବାହରେ ପୁଅ ଘର କିମ୍ବା ଝିଅ ଘରର ଅଧିକ ଟଙ୍କା ଖର୍ଚ୍ଚ ହୋଇନଥାଏ ।

### ୩. **ପ୍ରେମ ବିବାହ** (Love marriage)

କନ୍ଧ ଆଦିବାସୀ ସମାଜରେ ପୁଅ ଓ ଝିଅ ଦୁହେଁ ଦୁହିଁଙ୍କୁ ଭଲ ପାଇ ଯେଉଁ ବିବାହ କରିଥାନ୍ତି ତାହାକୁ ପ୍ରେମ ବିବାହ ବୋଲି କହିଥାନ୍ତି । ସମଗ୍ର ବିଶ୍ୱରେ ଦେଖିବାକୁ ଗଲେ ବିବାହର ମୂଳମନ୍ତ୍ର ହେଉଛି ପ୍ରେମ ଓ ପ୍ରଣୟ । କନ୍ଧ ଆଦିବାସୀ ସମାଜରେ ଗୋଟିଏ ଧାଙ୍ଗଡ଼ା ବା ଗୋଟିଏ ଧାଙ୍ଗଡ଼ି ସେ ଯାଇଥିବା ଯାନିଯାତ୍ରା, ବଜାର, ମେଳା ଉତ୍ସବରେ ସେମାନେ ଦୁହେଁ ଦିହିଁଙ୍କି ଦେଖାଦେଖି ହୋଇ ପରସ୍ପରକୁ ଭଲ ଭାବରେ ଜାଣିଥାଆନ୍ତି । ସେହିଦିନଠାରୁ ସେମାନେ ଧିରେ ଧିରେ ପରସ୍ପରକୁ ମନ ଦିଆନିଆ ହୋଇ ପରବର୍ତ୍ତୀ ସମୟରେ ଦୁହେଁ ବିବାହ କରିବାକୁ ନିସ୍ପତି ନେଇ ନିଜ ନିଜ ଘରେ ବାପା, ମାଙ୍କୁ ଜଣାଇଥାନ୍ତି ।

### ୪.**ବହୁ ବିବାହ** (Many marriage)

ଏହି ପ୍ରକାର ବିବାହ ପ୍ରଥାଟି ମଧ କନ୍ଧ ଆଦିବାସୀ ସମାଜରେ ଦେଖିବାକୁ ମିଳିଥାଏ । ଏଥିରେ ଜଣେ ପୁରୁଷ ଗୋଟିଏ ସମୟରେ ଦୁଇଟି ସ୍ତ୍ରୀ କୁ ବିବାହ କରି ଘରକରି ରହିବା ସମାଜ ସ୍ୱୀକୃତି ଦେଇଥାଏ । କିନ୍ତୁ ଗୋଟିଏ ସ୍ତ୍ରୀ ଚାହିଁଲେ ସେ କେବେହେଲେ ଗୋଟିଏରୁ ଅଧିକ ପୁରୁଷ ସହିତ ଘର ସଂସାର କରି ରହିପାରିନଥାଏ । ଏହା ତାଙ୍କ କନ୍ଧ ସମାଜ ସ୍ୱୀକୃତି ଦେଇନଥାଏ । ଯଦି ଗୋଟିଏ ସ୍ତ୍ରୀ ନିଜ ସ୍ୱାମୀଠାରୁ ଛାଡ଼ପତ୍ର(ଛାଡ୍ରି) ପାଇସାରିଥାଏ, ତେବେ ସେ ଅନ୍ୟ ଏକ ପୁରୁଷକୁ ମନଦେଇ ନିଜର ଜୀବନ ସାଥି ଭାବରେ ବାଛିବାର ଅଧିକାର ପାଇଥାଏ । ଏହା ବ୍ୟତୀତ ଯଦି ସେଇ ସ୍ତ୍ରୀର ସ୍ୱାମୀ ମୃତ୍ୟୁବରଣ କରେ ତେବେ ସେଇ ସ୍ତ୍ରୀ ମଧ ଅନ୍ୟଏକ ପୁରୁଷ ସହିତ ଘରସଂସାର କରି ରହିବା ଦେଖିବାକୁ ମିଳିଥାଏ ।

### ୫.**ବିଧବା ବିବାହ** (Widow Remarriage)

ଜଣେ ବିବାହିତ ଲୋକର ସ୍ତ୍ରୀ କିମ୍ବା ଜଣେ ବିବାହିତା ସ୍ତ୍ରୀର ସ୍ୱାମୀ ମୃତ୍ୟୁ ବରଣ କରେ ତେବେ ସ୍ତ୍ରୀଲୋକ ହୋଇଥିଲେ ସେ ଅନ୍ୟଏକ ପୁରୁଷକୁ(ଯିଏ ଥରେ ବିବାହ କରିସାରିଥିବ ଏବଂ କୌଣସି କାରଣ ବଶତଃ ତା'ର ସ୍ତ୍ରୀ ମୃତ୍ୟୁ ବରଣ କରିଥିବ) ବିବାହ କରିଥିବା ଦେଖିବାକୁ ମିଳିଥାଏ । ଯଦି ଜଣେ ପୁରୁଷର ସ୍ତ୍ରୀଲୋକ ମୃତ୍ୟୁ ବରଣ କରେ କିମ୍ବା ବିବାହ କରିଥିବା ସ୍ତ୍ରୀର କୌଣସି ସନ୍ତାନ ସନ୍ତତି ହୋଇନଥାଏ, ତେବେ ସେ ଲୋକଟି ନିଜର ଶାଳୀ(ସ୍ତ୍ରୀ ର ସାନ ଭଉଣୀ)କୁ ବିବାହ କରିଥାଏ । ନଚେତ୍ ଅନ୍ୟଏକ ବିଧବା(ରାଣ୍ଡି) ସ୍ତ୍ରୀ ଲୋକକୁ ବିବାହ କରିଇଥିବା ଦେଖିବାକୁ ମିଳିଥାଏ ।

### ୬- **ଅପ୍ରାପ୍ତବୟସ୍କା କନ୍ୟା ବିବାହ** (Marriage an underage girl)

ଯେତେବେଳେ କନ୍ୟାକୁ ବାର ଚଉଦ ବର୍ଷ ହୋଇଯାଏ, ଠିକ୍ ସେହି ସମୟରେ ବର ଘର ଆସିଲେ କନ୍ୟାର ପିତାମାତା ଧନ ସମ୍ପତ୍ତି ଲୋଭରେ

ଏକ ବୁଢ଼ାବର ସହିତ ବିବାହ କରିଦେଇଥାନ୍ତି । ଏଥିରେ ଝିଅଟି ନିଜ ବାପା ମା କୁ କିଛି କହିନପାରି ସବୁ ଅସୁବିଧାକୁ ମୁଣ୍ଡ ପାତି ସହିଯାଉଥାଏ । ଏବଂ ପରବର୍ତ୍ତୀ ସମୟରେ ଯାହାଦ୍ୱାରା ଝିଅଟି ପୁତ୍ର ସନ୍ତାନ ପ୍ରସବରେ ବଡ଼ ଅସୁବିଧାର ସମ୍ମୁଖିନ ହୋଇଥାଏ । ଏଥିରେ କନ୍ୟାଟି ବର ଠାରୁ ୧୫, ୨୦ ବର୍ଷ ସାନ ଥିବାରୁ ବରଟି ଶୀଘ୍ର ବୁଢ଼ା ହୋଇ ମୃତ୍ୟୁ ବରଣ କରିଥାଏ । ସେହି ସମୟରେ କନ୍ୟାଟି ବିଧବା(ରାଣ୍ଡୀ) ହେବା ଛଡ଼ା ତା'ର ଆଉ ଅନ୍ୟ ଉପାୟ କିଛି ନଥାଏ । ବର୍ତ୍ତମାନ କିନ୍ତୁ ଲୋକମାନେ ଧିରେ ଧିରେ ଶିକ୍ଷିତ ହେବାରୁ କିଛି କିଛି ପରିବର୍ତ୍ତନ ହେବାର ଦେଖାଗଲାଣି ।

**୭- ଘରଜୋଇଁଆ ବିବାହ** (Housewife marriage)

କନ୍ଧ ସମାଜରେ ଯଦି ଜଣେ ବ୍ୟକ୍ତିର କୌଣସି ପୁଅ ନଥାନ୍ତି, ତେବେ ସେ ନିଜର ବଂଶ ରକ୍ଷା ପାଇଁ ନିଜ ବନ୍ଧୁ ବଂଶର ଏକ ପୁଅକୁ ଖୋଜିଆଣି ନିଜ ଝିଅ ସହିତ ବିବାହ କରାଇଥାଏ, ତାହାକୁ ଘରଜୋଇଁଆ ବିବାହ କୁହାଯାଇଥାଏ । ଏଇ ବିବାହ ପ୍ରଥାଟି ଉଭୟ ଧନୀ ଓ ଗରିବ ମାନଙ୍କ ପାଇଁ ଉଦ୍ଧିଷ୍ଟ ହୋଇଥାଏ । ଯଦି କୌଣସି ଏକ ପରିବାରର ଗୋଟିଏ ହିଁ ଝିଅ ଥାଏ, ତେବେ ସେଇ ପରିବାରର ବଂଶ ରକ୍ଷା ପାଇଁ ପରିବାରର ମୁଖ୍ୟ ପିତା ମାତାଙ୍କ ନିଷ୍ପତି କ୍ରମେ ତାଙ୍କ ଝିଅ ପାଇଁ ଏକ ଘରଜୋଇଁଆ ପୁଅ ଖୋଜିଥାନ୍ତି । ଏପରି ସ୍ଥଳେ ଘରଜୋଇଁଆ ପୁଅଟି ଗରିବ ଘର ହୋଇଥିବା ଦରକାର କିମ୍ବା ସେଇ ପୁଅ ଘରେ ଅଧିକ ପୁଅ ଥିବେ ଏବଂ ସେମାନେ ନିଜେ କନ୍ୟାମୂଲ ଓ ସମସ୍ତଙ୍କୁ ଭୋଜି ଭାତ ଦେଇ ବିବାହ କରିବାକୁ ଅସମର୍ଥ ଥିଲେ ସେଇ ଘରୁ ପୁଅ ଆଣି ଘରଜୋଇଁଆ ରଖାଯାଇଥାଏ ।"(୯)

### ପର୍ବପର୍ବାଣୀ

ଓଡ଼ିଶାର ଲୋକମାନେ ଯେମିତି ବାର ମାଷରେ ତେର ପର୍ବ ପାଳନ କରିଥାନ୍ତି, ଠିକ୍ ସେହିପରି ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀମାନେ ମଧ୍ୟ ବିଭିନ୍ନ ପ୍ରକାର ପର୍ବପର୍ବାଣୀ ପାଳନ କରୁଥିବା ଦେଖାଯାଏ । ଓଡ଼ିଶାର ପ୍ରତ୍ୟେକ ଆଦିବାସୀମାନେ ବିଭିନ୍ନ ପର୍ବ ପାଳନ କରିଥାନ୍ତି । ସେମାନଙ୍କ ମଧ୍ୟରୁ ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀମାନଙ୍କର ପର୍ବପର୍ବାଣୀ ଏକ ନିଆରା ଓ ଅନନ୍ୟ । ପୂର୍ବେ ଏହି କନ୍ଧ ଆଦିବାସୀମାନଙ୍କ ପର୍ବରେ ନରବଳି ଦେବା ପ୍ରଥା ପ୍ରଚଳିତ ଥିଲା । ଏପରି ଓଡ଼ିଶାର ଅନ୍ୟ କେଉଁ ଆଦିବାସୀଙ୍କ ପର୍ବପର୍ବାଣିରେ ଦେଖାଯାଇନଥାଏ । ବର୍ତ୍ତମାନ ସେମାନେ ଏହି ନରବଳି ଦେବା ବଦଳରେ ପୋଢ଼ବଳି ଦେଉଥିବା ଦେଖିବାକୁ ମିଳେ । ଏହା ବ୍ୟତୀତ ସେମାନେ ଅନ୍ୟ କେତେକ ପର୍ବପର୍ବାଣୀ ମଧ୍ୟ ପାଳନ କରିଥାନ୍ତି । ସେଗୁଡ଼ିକ ହେଲା ଝାଗିଡ଼ି ପର୍ବ, ଡାଲଖାଇ ପର୍ବ, ଢେଲସଭା ପୂଜା, ଗର୍ହ୍ମା ପୂର୍ଣ୍ଣିମା, ଶେମି ନୂଆ, କ୍ଷେତ୍ ଚେରୁ ଓ ନୂଆଖାଇ ପର୍ବ ଆଦି ମୁଖ୍ୟ । ତେଣୁ ନିଶ୍ଚିତ ଭାବରେ କନ୍ଧ ଆଦିବାସୀଙ୍କର ପର୍ବପର୍ବାଣୀ ଅନ୍ୟ ଆଦିବାସୀଙ୍କଠାରୁ ଭିନ୍ନ ।

ଆନୁଷ୍ଠାନିକ ଶିକ୍ଷାରେ ଦେଖିଲେ ପଛରେ ଥିବା ବୌଦ୍ଧ ଜିଲ୍ଲାର ଆଦିବାସୀମାନେ ଯେ ମଣିଷପଣିଆର ପଛରେ ନାହାନ୍ତି ଏକଥା ସତ । ବିଶ୍ୱାସର ମୂଳରେ ଏ ଜଗତର ନୀତିକୁ ମାନବିକତାର ଶ୍ରେଷ୍ଠ ଆଭୂଷଣ ବୋଲି ଧରିନେଇଥାନ୍ତି ଏହି ଶାନ୍ତ, ସରଳ ଓ ନିରୀହ ଜନଜାତିର ମଣିଷମାନେ । ଆଧୁନିକତାର ଜୁଆର ଭଟ୍ଟାରେ ବ୍ୟକ୍ତି ସ୍ୱାର୍ଥକୁ ମୁଖ୍ୟ କରି ପରମ୍ପରା ଓ ସଂସ୍କୃତିକୁ ଯେତେବେଳେ ହେୟ ମଣନ୍ତି ଗୁରୁ, ଗୁରୁଜନ, ଦିଅଁ, ଦେବତା ଓ ପର୍ବପର୍ବାଣୀକୁ ସେତେବେଳେ ଏଇ ଆଦିମାନବ ଗୋଷ୍ଠୀ ଗୁରୁଜନଙ୍କୁ ଦେବତାର ଆସନରେ ଉପବେଶନ କରାଇ ପ୍ରତିଷ୍ଠିତ କରାଏ । ଏମାନେ କୃତ୍ରିମତାକୁ ପ୍ରଶ୍ରୟ ଦେବାକୁ ଘୃଣା କରନ୍ତି । ପ୍ରାକୃତିକ ପରିବେଶରେ ଜନ୍ମଲାଭ କରିଥିବା କନ୍ଧ ଆଦିବାସୀମାନେ ପ୍ରକୃତିକୁ ନିଜ ଜୀବନଠାରୁ ଅଧିକ ଭଲ ପାଆନ୍ତି । ପରମ୍ପରା ପାଚେରୀ ମଧ୍ୟରେ ରହି ପାଳନ କରନ୍ତି ବିଭିନ୍ନ ପର୍ବପର୍ବାଣୀ । ପ୍ରକୃତିର ସୌନ୍ଦର୍ଯ୍ୟ ପଛରେ ଯେମିତି ଲୁଚି ରହିଥାଏ, କୋକିଳର କୂଜନ, ପତ୍ରର ମର୍ମର, ଝରଣାର କଳନାଦ, ପ୍ରପାତର ଭୀମ ଗର୍ଜନ, ମୟୁରର ମନମୁଗଧକର ନୃତ୍ୟ, ଆଦିବାସୀ ଜୀବନ ସୌନ୍ଦର୍ଯ୍ୟର ଉହାଡ଼ରେ ସେହିପରି ଲୁଚି ରହିଥାଏ । ତାର ସରଳ ନିଷ୍କପଟ ବ୍ୟବହାର, ଲାଳିତ୍ୟ ପୂର୍ଣ୍ଣ ଭାଷା, ସୁମଧୁର ସଙ୍ଗୀତ ଏବଂ ମନୋମୁଗ୍ଧକର ନୃତ୍ୟ, ଯାହାକି ଆଦିବାସୀ ସଂସ୍କୃତିର ଅପରିହାର୍ଯ୍ୟ ଅଙ୍ଗବିଶେଷ ।

ଓଡ଼ିଶାରେ ବାସ କରୁଥିବା ୬୨ ପ୍ରକାର ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରୁ କନ୍ଧ ଜନଜାତିଙ୍କ ଚାଲି ଚଳନ, ଆଚାର ବ୍ୟବହାର, ରୂପ, ରଙ୍ଗ ଓ ଭାଷା ମାଧ୍ୟମରେ ସେମାନେ ପରସ୍ପର ଠାରୁ ପୃଥକ ଜଣା ଯାଉଥିଲେ ମଧ୍ୟ ବଂଶାନୁକ୍ରମେ ସେମାନେ ପାଳନ କରି ଆସୁଥିବା ପର୍ବପର୍ବାଣୀ ଗୁଡ଼ିକରେ ବିଶେଷ ସାମଞ୍ଜସ୍ୟ ଥିବା ଦେଖାଯାଏ । ଏହି କନ୍ଧ ଜନଜାତି ସାଧାରଣତଃ ଘନ ଅରଣ୍ୟ, ଗିରିକନ୍ଦର, ଓ ପାହାଡ଼ କୋଳରେ ଛୋଟ ଛୋଟ କୁଡ଼ିଆ କରି ବାସ କରନ୍ତି । ସେମାନଙ୍କ ପର୍ବପର୍ବାଣୀ ଗୁଡ଼ିକ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଭିନ୍ନ ଭିନ୍ନ ନାମ ଓ ଭିନ୍ନ ପ୍ରକାରରେ ପାଳିତ କରିଥାନ୍ତି ।"(୧୦)

### ମୃତ୍ୟୁ ସଂସ୍କାର

"କନ୍ଧ ଆଦିବାସୀ ସମାଜରେ ଯଦି ଜଣେ ବ୍ୟକ୍ତି ମୃତ୍ୟୁବରଣ କରେ ତେବେ ତାଙ୍କର 'ଜାତି ଲୋକ' ନ ଆସିବା ପର୍ଯ୍ୟନ୍ତ ସେମାନେ ଶବକୁ ମଶାଣିକୁ ନେଇନଥାନ୍ତି । ଏମାନଙ୍କର ଏକ ପରମ୍ପରା ଦେଖିବାକୁ ମିଳେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ଯଥା- ଶିଶୁ ଜନ୍ମ, ଏକୋଇଶିଆ, ବିବାହ ବ୍ରତ ଓ ଶୁଦ୍ଧିକ୍ରିୟା ଇତ୍ୟାଦି କାର୍ଯ୍ୟରେ ସେମାନେ ବ୍ରାହ୍ମଣ କିମ୍ବା ବାରିକ ଦ୍ୱାରା କାର୍ଯ୍ୟ କରିନଥାନ୍ତି । ସେଥିପାଇଁ ସେମାନେ ନିଜର ବନ୍ଧୁ ବଂଶର ଲୋକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିବା ଦେଖିବାକୁ ମିଳିଥାଏ । ଯେଉଁମାନେ ଏଥିରେ କନ୍ଧମାନଙ୍କର ସାହାଯ୍ୟ କରିଥାନ୍ତି, ସେମାନଙ୍କୁ 'ଜାତି ଲୋକ ବା ଜାତି ଭାଇ'(ଗୋଟିଏ ଜାତି କିନ୍ତୁ ଅଲଗା ବଂଶର ହୋଇଥିବେ) ବୋଲି କହିଥାନ୍ତି । ଶବକୁ ମଶାଣିକୁ ନେବାବେଳେ ଗୋଟିଏ ପାଖ 'ଜାତି ଲୋକ' କାନ୍ଧେଇଥିବା ବେଳେ ଅନ୍ୟ ତିନି ପାଖରେ ମୃତ୍ୟୁ ବ୍ୟକ୍ତିର ସମ୍ପର୍କୀୟ କାନ୍ଧେଇଥାନ୍ତି । ଏହି ସମୟରେ ଜଣେ ବ୍ୟକ୍ତି ଶବ ଆଗେ ଆଗେ 'ଖଇ ଲିଆ' ଓ କିଛି ଟଙ୍କା ବିଞ୍ଚିବିଞ୍ଚି ଯାଇଥାନ୍ତି । ମଶାଣିରେ ଶବକୁ ଲଙ୍ଗଳା ଓ ଉପର ମୁହାଁ କରି କାଠ ଉପରେ ଶୁଆଇଦେଇ ପୋଡ଼ିଥାନ୍ତି । ଏହି ଶବରେ ମୃତ ବ୍ୟକ୍ତିର ସାନ ପୁଅ ନିଆଁ ଦେଇଥାଏ । ଏମିତି ପୋଡ଼ିଲେ ଜନ୍ମ ସମୟରେ ଆସିଥିଲା ଖାଲି ହାତରେ ଏବଂ ମୃତ୍ୟୁ ସମୟରେ ବି କିଛି ନ ନେଇ ଗଲା ଖାଲି ହାତରେ । ଏପରି କଲେ ମୃତ ବ୍ୟକ୍ତିର ଆତ୍ମା ସ୍ୱର୍ଗରେ ଶାନ୍ତି ପାଇଥାଏ, ବୋଲି କନ୍ଧ ଆଦିବାସୀମାନେ ବିଶ୍ୱାସ କରିଥାନ୍ତି ।

ଯଦି ଜଣେ ବ୍ୟକ୍ତି ବସନ୍ତ ରୋଗରେ ମୃତ୍ୟୁ ବରଣ କରେ ତେବେ ତା'କୁ ନିଆଁରେ ପୋଡ଼ନ୍ତି ନାହିଁ କି ମାଟି ଭିତରେ ପୋତିନଥାନ୍ତି । ସେଇ ଶବକୁ ସେମିତି ମଶାଣିରେ ଶୁଆଇଦେଇ ଚାଲି ଆସିଥାନ୍ତି । ଛୋଟ ଛୁଆ ମୃତ୍ୟୁ ବରଣ କଲେ ତା'କୁ ମାଟି ତଳେ ପୋତି ଦେଇଥାନ୍ତି । ଶବ ସତ୍କାର କରି ସିଧା ଗାଧୁଆ ଘାଟକୁ ସମସ୍ତେ ଯାଇଥାନ୍ତି । ସେଠାରେ ମୁଣ୍ଡ ସଫା କରିବା ପାଇଁ ଉଭୟ ସ୍ତ୍ରୀ ଓ ପୁରୁଷ ଲୋକକୁ ତାଙ୍କର 'ଜାତି ଲୋକ' ତେଲ କିମ୍ବା ମାଟି ଦେଇଥାନ୍ତି । ସେଠାରେ ସମସ୍ତେ ମୁଣ୍ଡ ସଫାକରି ଗାଧୋଇ ସାରିବା ପରେ ମୃତ ବ୍ୟକ୍ତିର ଘରକୁ ସମସ୍ତେ ଯାଇଥାନ୍ତି । ସେଠାରେ ତାଙ୍କ 'ଜାତି ଲୋକ' ଆଣିଥିବା ନିମ୍ବ ପତ୍ର କିମ୍ବା ଡାଳକୁ ନିଆଁରେ ପୋଡ଼ିଦେଲେ ଅନ୍ୟ ସମସ୍ତେ ନିଆଁ ପୁଆଇଁଥାନ୍ତି । ମୃତ୍ୟୁ ଦିନଠାରୁ ତିନି ଦିନ ପର୍ଯ୍ୟନ୍ତ 'ଜାତି ଲୋକ'ଙ୍କ ଦ୍ୱାରା ରନ୍ଧା ଯାଇଥିବା ଭାତ ସହିତ ନିମ୍ବ ପତ୍ରକୁ ଖାଇଥାନ୍ତି, ଏହାକୁ 'ମିଠି' ବୋଲି କୁହାଯାଇଥାଏ । ଏହାପରେ ମୃତ ବ୍ୟକ୍ତିର ସମସ୍ତ ବନ୍ଧୁ ସମ୍ପର୍କୀୟଙ୍କୁ ଖବର ପଠାଯାଇଥାଏ । ମୃତ୍ୟୁ ଦିନଠାରୁ ଠିକ୍ ୧୨ ଦିନକୁ କାମ ଘର ବା ଶୁଦ୍ଧିକ୍ରିୟା ଶେଷ କରାଯାଇଥାଏ । ଯଦି ଛୋଟ ଛୁଆ ମୃତ୍ୟୁ ବରଣ କରିଥାଏ, ତେବେ ୭ ଦିନରେ ହିଁ ଶୁଦ୍ଧିକ୍ରିୟା ଶେଷ କରିଥାନ୍ତି । କନ୍ଧ ଆଦିବାସୀ ସମାଜରେ ଏପରି ବିଭିନ୍ନ ପ୍ରକାର ରୀତିନୀତି ପ୍ରଚଳିତ ଥିବା ଦେଖାଯାଇଥାଏ ।"(୧୧)

## ଉପସଂହାର

ଭାରତରେ ମଧ୍ୟପ୍ରଦେଶ ତଳକୁ ଓଡ଼ିଶା ଦ୍ୱିତୀୟ ଆଦିବସୀ ବହୁଳ ରାଜ୍ୟ । ରାଜ୍ୟର ବୌଦ୍ଧ ବ୍ୟତୀତ କନ୍ଧମାଳ, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ଗଜପତି ଜିଲ୍ଲାମାନଙ୍କରେ ଅଧିକ ସଂଖ୍ୟକ କନ୍ଧ ଆଦିବାସୀ ବାସ କରିଥାନ୍ତି । କନ୍ଧ ଆଦିବାସୀମାନେ ରକ୍ଷଣଶୀଳ ଜାତି । ସେମାନେ ନିଜ ସଂସ୍କୃତିକୁ ଛାଡ଼ିବା ପାଇଁ ଅନିଚ୍ଛୁକ । ତଥାପି ଆଧୁନିକ ଶିକ୍ଷା ଓ ସଭ୍ୟତାର ପ୍ରଭାବରେ ସେମାନେ ନିଜସ୍ୱ ସଂସ୍କୃତିର ପରିବର୍ତ୍ତନ କରିବା ଲକ୍ଷ୍ୟ କରାଯାଉଛି । ଏହାର କାରଣ ସ୍ୱରୂପ କୁହାଯାଇପାରେ ଯେ ଆଧୁନିକ ଶିକ୍ଷା ଫଳରେ ସେମାନଙ୍କ ଜ୍ଞାନର ଦିଗବଳୟ ପ୍ରସାରିତ ହେବାଦ୍ୱାରା ଧୀରେଧୀରେ ସେମାନେ ରକ୍ଷଣଶୀଳତାର ମଧ୍ୟରୁ ମୁକ୍ତ ହେବାକୁ ଲାଗିଛନ୍ତି । ପଡ଼ୋଶୀ ହିନ୍ଦୁ ସଂସ୍କୃତି ସହ ଅହରହ ସଂସ୍ପର୍ଶରେ ଆସିବା ଦ୍ୱାରା ନେଣଦେଣ ସୂତ୍ରରେ ମଧ୍ୟ ସେମାନେ କେତେକ ହିନ୍ଦୁ ସଂସ୍କୃତି ଆବୋରି ନେଲେଣି । ଏହା ମଧ୍ୟ ହେବା ସ୍ୱାଭାବିକ। କାରଣ ସଂସ୍କୃତି ସଦା ଚଳମାନ ଓ ପରିବର୍ତ୍ତନଶୀଳ।

ଆଦିବାସୀ ସଂସ୍କୃତିରେ ପୁଅ ଝିଅ ଖୋଜିଥାନ୍ତି । ପୁଅ ପକ୍ଷ ଝିଅର ପିତାଙ୍କୁ କନ୍ୟାସୁନା, ଗଣ୍ଡି ବା ମୂଲ ଦେଇଥାନ୍ତି । ଜ୍ୱାଇଁଙ୍କୁ ଯୌତୁକ ଦେବା କନ୍ଧ ଜନଜାତି ପ୍ରଥା ବିରୁଦ୍ଧ । କିନ୍ତୁ ବର୍ତ୍ତମାନ ଜ୍ୱାଇଁଙ୍କୁ ମଟର ସାଇକେଲ, ସାଇକେଲ, ଟେଲିଭିଜନ, ରେଡ଼ିଓ, ଖଟ ପଲଙ୍କ ଆଦି ଯୌତୁକ ଆକାରରେ ଦିଆଯାଉଥିବା ଦେଖାଗଲାଣି । ବିବାହ ତିଥି ଦିଶାରି, ବେଜୁଣି, ଯାନୀଙ୍କ ଦ୍ୱାରା ସ୍ଥିର କରାଯାଉଥିଲା । ବର୍ତ୍ତମାନ ପାଞ୍ଜି ଦେଖି ବିବାହ ତିଥି ସ୍ଥିର କରିବା, ନିମନ୍ତ୍ରଣ ପତ୍ର ଛାପି ବାଣ୍ଟିବା, ଟେଣ୍ଟ ହାଉସ ଦ୍ୱାରା ସାଜସଜ୍ଜା କରାଇବା ଏବଂ ପୁରୋହିତ ନିୟୋଜନ କରିବା ତଥା ବ୍ରାହ୍ମଣ ପୂଜାରୀ ଦ୍ୱାରା ଭୋଜନ ସାମଗ୍ରୀ ପ୍ରସ୍ତୁତ କରାଇବା ଦେଖାଗଲାଣି । କେତେକ ସ୍ଥାନରେ ଅଷ୍ଟପ୍ରହରୀ, ନାମ ସଂକୀର୍ତ୍ତନ, ମଣ୍ଡଳି ଆୟୋଜନ କରାଇ ବ୍ରାହ୍ମଣ ପୁରୋହିତ ନିୟୋଜନ କରାଗଲାଣି । ଆଦିବାସୀ ସମାଜରେ ଯୁବକ ଯୁବତୀଙ୍କ ଶୟନ ନିମନ୍ତେ ସ୍ୱତନ୍ତ୍ର ଧାଙ୍ଗଡ଼ା ଧାଙ୍ଗିଡ଼ି ଘର ପୂର୍ବରୁ ପ୍ରଚଳିତ ଥିଲା । ଶୟନ ଗୃହଗୁଡ଼ିକ ଆଦିବାସୀ ସଂସ୍କୃତିର ପ୍ରାଣକେନ୍ଦ୍ର ଥିଲା । ସେହି ଗୃହରୁ ସେମାନେ ସାମାଜିକ ଶୃଙ୍ଖଳା ଶିକ୍ଷା କରିବା ସହିତ ଜୀବନ ସାଥି ଚୟନ କରୁଥିଲେ । ସେହି ଶୟନ ଗୃହଗୁଡ଼ିକ ଲୋକ ଗଳ୍ପ, ଲୋକ ଗୀତ ଓ ଲୋକ ନାଟ୍ୟ ସୃଷ୍ଟିର ପ୍ରଧାନ କେନ୍ଦ୍ର ଥିଲା ।

ଆଦିବାସୀ ସମାଜରେ ଶିକ୍ଷାର ପ୍ରସାର ଏବଂ ଧର୍ମାନ୍ତରୀକରଣ ଦ୍ୱାରା ମଧ୍ୟ ଆଦିବାସୀ ସଂସ୍କୃତି ପ୍ରଭାବିତ ହେବାର ଅନ୍ୟତମ କାରଣ । କେତେକ ଆଦିବାସୀ ଖ୍ରୀଷ୍ଟିୟାନ, ମହିମା ଧର୍ମ, ସନାତନ ଧର୍ମ, ବୈଷ୍ଣବ ଧର୍ମ ଦ୍ୱାରା ଓ ଗାୟତ୍ରୀ ଦିକ୍ଷା ଦ୍ୱାରା ଦୀକ୍ଷିତ ହେବା ଫଳରେ ସେମାନଙ୍କ ଆଦିବାସୀ ଜୀବନଶୈଳୀ ଯଥା ଚାଲିଚଳଣି, ବେଶ ପୋଷାକ, ଖାଦ୍ୟପେୟ ଆଦିର ପରିବର୍ତ୍ତନ ହେଉଥିବା ଲକ୍ଷ୍ୟ କରାଯାଉଛି । ସେହିପରି ଶିକ୍ଷିତ ଆଦିବାସୀମାନେ ଚାକିରୀ କରିବା ପରେ ଆଧୁନିକ ଜୀବନଶୈଳୀକୁ ଆଦିର ନେଇ ନିଜସ୍ୱ ସଂସ୍କୃତି ଠାରୁ ଦୂରେଇ ଯାଉଛନ୍ତି । ବହୁ ଅଣଖ୍ରୀଷ୍ଟିୟାନ ଆଦିବାସୀ ଚାକିରିଆ ନିଜ ସନ୍ତାନମାନଙ୍କ ଜନ୍ମଦିନ ପାଳନ କରୁଥିବା ଦେଖାଯାଏ ଏବଂ ସେହି ଉଦ୍ଦେଶ୍ୟରେ ମହମବତୀ ଜାଳି, କେକ କାଟିଥାନ୍ତି । କେତେକ ଶିକ୍ଷିତ ଚାକିରିଆ ମଧ୍ୟ ନିଜ ଗୋଷ୍ଠୀର ପାରମ୍ପରିକ ପ୍ରଥାକୁ ପରିହାର କରି ଅନ୍ୟ ଅଳଙ୍କାରକୁ ପରିହାର କରି ଆଧୁନିକ ଫେସନ ବ୍ୟବହାର କରିବାକୁ ଆଜିକାଲି ଆଦିବାସୀ ଲଳନାମାନ ଆଗ୍ରହୀ । ନିଜର ପାରମ୍ପରିକ ଗୃହ ନିର୍ମାଣ ପ୍ରଣାଳୀ ପରିତ୍ୟାଗ କରି ଇଞ୍ଜିନିୟରଙ୍କ ପ୍ରସ୍ତାବିତ ପ୍ରଣାଳୀରେ କୋଠାଘର ନିର୍ମାଣ କରି ବସବାସ କରିବା ସହ ଗୃହ ପ୍ରବେଶ ଦିନ ହିନ୍ଦୁ ମତାନୁଯାୟୀ ଗୃହ ପ୍ରତିଷ୍ଠା କରିବା ଓ ଭୋଜି ଦେବା ମଧ୍ୟ ଆଦିବାସୀ ସମାଜରେ ପ୍ରଚଳିତ ହେଲାଣି । ଆଦିବାସୀମାନଙ୍କୁ ଜାତୀୟ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ନିରନ୍ତର ସରକାରୀ ଉଦ୍ୟମ ଜାରି ରହିଛି । ଫଳ ସ୍ୱରୂପ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ପ୍ରଗତି ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ସେମାନେ ମଧ୍ୟ ଧୀରେ ଧୀରେ ଜାତୀୟ ମୁଖ୍ୟ ସ୍ରୋତରେ ସାମିଲ ହେବା ଦିଗରେ ଅଗ୍ରସର ହେଲେଣି । ଯେଉଁ ଆଦିବାସୀ ଅତୀତରେ ଅନ୍ୟ ହାତରୁ ଜଳ ଗ୍ରହଣ କରୁନଥିଲେ, କ୍ଷୀର ପିଇବା ଜାଣି ନଥିଲେ ସେମାନେ ବର୍ତ୍ତମାନ ହୋଟେଲରେ ବସି ଭୋଜନ କରିବା ଏବଂ ଚାହା ପିଇବା ଏକ ସାଧାରଣ ଦୃଶ୍ୟ ହୋଇଗଲାଣି ।

ବର୍ତ୍ତମାନର ଦଳୀୟ ରାଜନୀତି ଦ୍ୱାରା ମଧ୍ୟ ଆଦିବାସୀ ସମାଜ ପ୍ରଭାବିତ ହେଉଛି । ରାଜନୀତିର ପ୍ରଭାବରେ ସେମାନେ ସାମାଜିକ ଉନ୍ନତିର ସ୍ୱପ୍ନ ଦେଖୁଥିଲା ବେଳେ ଅନ୍ୟ ପକ୍ଷରେ ରାଜନୈତିକ ଅସୂୟା ସେମାନଙ୍କୁ ଶାନ୍ତ, ସରଳ ମନୋବୃତି ଠାରୁ ଧୀରେ ଧୀରେ ଦୂରେଇ ନେଉଛି ଓ ଗ୍ରାମ ମୁଖିଆଙ୍କ ଦ୍ୱାରା ଚାଲୁଥିବା ସ୍ୱୟଂଶାସିତ ପ୍ରଥା ମଧ୍ୟ ଲୋପ ପାଉଛି । ଏହିପରି ବହୁ କାରଣରୁ ଆଦିବାସୀ ସଭ୍ୟତା ଆଧୁନିକ ଶିକ୍ଷା ଓ ସଭ୍ୟତା ଦ୍ୱାରା ପ୍ରଭାବିତ ହେଉଥିବା ଦେଖାଯାଏ । ଅବଶ୍ୟ ଏହା ଦ୍ୱାରା ସେମାନଙ୍କ ଅର୍ଥନୈତକ ଓ ସାମାଜିକ ସ୍ଥିତିର ଉନ୍ନତି ହେଉଥିବା ମନେ କରାଯାଉଥିଲେ ମଧ୍ୟ ଏକ ମହାନ ସାଂସ୍କୃତିକ ପରମ୍ପରାର ଯେ ଅବକ୍ଷୟ ଘଟୁଛି ଏହା ଅନସ୍ୱୀକାର୍ଯ୍ୟ । ସେମାନଙ୍କ ପ୍ରଗତି ନିମନ୍ତେ ଆଦିବାସୀ ଭାଷାରେ ଶିକ୍ଷାଦାନ ଦିଆଗଲେ ଆଦିବାସୀ ସଂସ୍କୃତିର ସଂରକ୍ଷଣ ସଙ୍ଗେ ସଙ୍ଗେ ତାହାର ଅବକ୍ଷୟକୁ ରୋକାଯାଇ ପାରନ୍ତା ଏବଂ

ଆଦିବାସୀମାନେ ସେମାନଙ୍କ ସଂସ୍କୃତି ଠାରୁ ଦୂରେଇ ଯାଆନ୍ତେ ନାହିଁ ।"(୧୨)

## ପାଦଟୀକା

୧. ମିଶ୍ର, ଶ୍ରୀ ନୃସିଂହ ପ୍ରସାଦ ଓ ସାହୁ ଶ୍ରୀ ଶୁକଦେବ- ଆଦିବାସୀ ସମାଜ ଓ ସଂସ୍କୃତି, ପୃ-୧୩

୨. ମିଶ୍ର, ଶ୍ରୀ ନୃସିଂହ ପ୍ରସାଦ ଓ ସାହୁ ଶ୍ରୀ ଶୁକଦେବ- ଆଦିବାସୀ ସମାଜ ଓ ସଂସ୍କୃତି, ପୃ ୧୩

୩. ନିଜସ୍ୱ ସଂଗୃହୀତ : ତଥ୍ୟ ପ୍ରଦାନକାରୀ-ସୁମନ୍ତ ମଲିକ, ଗ୍ରାମ : ଦମଡ଼ା, ବୌଦ୍ଧ ।

୪. ନିଜସ୍ୱ ସଂଗୃହୀତ : ତଥ୍ୟ ପ୍ରଦାନକାରୀ-ଶାନ୍ତମଣି କହଁର, ଗ୍ରାମ : ଦମଡ଼ା, ବୌଦ୍ଧ

୫. ନିଜସ୍ୱ ସଂଗୃହୀତ : ତଥ୍ୟ ପ୍ରଦାନକାରୀ- ପ୍ରତାପ ଝାଙ୍କର, ବଘିଆ, କଣ୍ଡାମାଳ, ବୌଦ୍ଧ ।

୬. ନିଜସ୍ୱ ସଂଗୃହୀତ :ତଥ୍ୟ ପ୍ରାଦାନକାରୀ- ଗୋବିନ୍ଦ କହଁର, ଦମଡ଼ା, ବୌଦ୍ଧ ।

୭. ନିଜସ୍ୱ ସଂଗୃହୀତ : ତଥ୍ୟ ପ୍ରଦାନକାରୀ-ସମାରୁ ମଲିକ, ବିଶିପାଲି, ହରଭଙ୍ଗା ବୌଦ୍ଧ ।

୮. ମିଶ୍ର, ଶ୍ରୀ ନୃସିଂହ ପ୍ରସାଦ ଓ ସାହୁ ଶ୍ରୀ ଶୁକଦେବ- ଆଦିବାସୀ ସମାଜ ଓ ସଂସ୍କୃତି, ପୃ-୪୮

୯. ନିଜସ୍ୱ ସଂଗୃହୀତ : ତଥ୍ୟ ପ୍ରଦାନକାରୀ- ଗୁଲେଖ କହଁର, ଟିଲିପଙ୍ଗା, ବୌଦ୍ଧ ।

୧୦. ନିଜସ୍ୱ ସଂଗୃହୀତ : ତଥ୍ୟ ପ୍ରଦାନକାରୀ- ବଶିଷ୍ଠ କହଁର, ଲକଡ଼ ପାଲୁ, ବୌଦ୍ଧ ।

୧୧. ନିଜସ୍ୱ ସଂଗୃହୀତ : ତଥ୍ୟ ପ୍ରଦାନକାରୀ-ଉପେନ୍ଦ୍ର କହଁର, ଦମଡ଼ା, ବୌଦ୍ଧ ।

୧୨. ମିଶ୍ର, ଶ୍ରୀ ନୃସିଂହ ପ୍ରସାଦ ଓ ସାହୁ ଶ୍ରୀ ଶୁକଦେବ- ଆଦିବାସୀ ସମାଜ ଓ ସଂସ୍କୃତି, ପୃ-୧୨୮ ।

## ସହାୟକ ଗ୍ରନ୍ଥସୂଚୀ

୧.ଦାସ ବାଇଡଙ୍କ- କନ୍ଧମାଳ ଇତିହାସ, ପ୍ରକାଶକ: ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨, ପରିମାର୍ଜିତ ସଂସ୍କରଣ-୨୦୧୦ ।

୨. ରଥ ରଘୁନାଥ- କୁଇ ଲୋକସାହିତ୍ୟ ଓ ସଂସ୍କୃତି, ପ୍ରକାଶକ: ତାରାତାରିଣୀ ବୁକ୍ ଷ୍ଟୋର, ବାଲୁ ବଜାର, କଟକ-୨, ମୁଦ୍ରଣ-ମଜଦୁର୍ ପ୍ରେସ୍, କଟକ, ପ୍ରଥମ ସଂସ୍କରଣ- ୨୦୧୭ ।

୩. ରଥ ରଘୁନାଥ- କନ୍ଧମାଳର ସାଂସ୍କୃତିକ ପରମ୍ପରା, ପ୍ରକାଶକ: ଶ୍ରୀ ଗୋପୀନାଥ ରଥ, ନୂଆ ବସଷ୍ଟାଣ୍ଡ ରୋଡ଼, ବ୍ରହ୍ମପୁର-୭୬୦୦୦୧, ପ୍ରଥମ ସଂସ୍କରଣ- ୨୦୧୦ ।

୪. ପ୍ରସାୟତ ଚିତ୍ରସେନ- ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା, ପ୍ରକାଶକ: ସାହିତ୍ୟ ଏକାଡ଼େମୀ ରବୀନ୍ଦ୍ର ଭବନ, ୩୫ ଫିରୋଜ ସାହା ରୋଡ଼, ନୂଆ ଦିଲ୍ଲୀ ୧୧୦୦୦୧, ପ୍ରଥମ ପ୍ରକାଶକ- ୨୦୦୭, ଦ୍ୱିତୀୟ ସଂସ୍କରଣ- ୨୦୧୬ ।

୫. ଦାଶ ଶ୍ରୀ ମାଗୁଣୀ- ଫୁଲବାଣୀର କନ୍ଧ ସଂସ୍କୃତି, ପ୍ରକାଶିକା: ଶ୍ରୀମତୀ ବିରଜା କୁମାରୀ ଦାଶ, ଭଞ୍ଜନଗର, ମୁଦ୍ରଣ- ସରସ୍ୱତୀ ପ୍ରିଣ୍ଟର୍ସ, ଫୁଲବାଣୀ, ପ୍ରଥମ ପ୍ରକାଶ- ୧୯୭୬ ।

୬. ନାହାକ ଗଣେଶରାମ- ପଶ୍ଚିମ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି, ପ୍ରକାଶକ: ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ- ୨୦୧୬ ।

୭. ମିଶ୍ର ଶ୍ରୀ ନୃସିଂହ ପ୍ରସାଦ/ ସାହୁ ଶ୍ରୀ ଶୁକଦେବ- ଆଦିବାସୀ ସମାଜ ଓ ସଂସ୍କୃତି, ପ୍ରକାଶକ: ମନୋରମା ପବ୍ଲିଶର୍ସ, ବାଲୁବଜାର, କଟକ-୭୫୩୦୦୨, ଦ୍ୱିତୀୟ ସଂସ୍କରଣ- ମାର୍ଗଶୀର, ୨୦୧୬ ।